REGISTERED No. P. 390

# THE ORISSA GAZETTE

PUBLISHED BY AUTHORITY

No. 27 CUTTACK, FRIDAY, JULY 6, 1945

SEPARATE PAGING IS GIVEN TO THIS PART, IN ORDER THAT IT MAY BE FILED AS A SEPARATE COMPILATION

## PART IV

## Regulations, Orders, Notifications and Rules, of the Government of India, of the Government of Bihar, and of the High Court. Papers extracted from the *Gazette of India* and Provincial Gazettes. Orders of Commandants of Volunteers Corps

### HOME DEPARTMENT

NOTIFICATIONS

*The 29th June 1945*

**No. 3001-A**—The following Oriya translation of Order No. 954, dated the 10th April 1945, issued by the Government of Madras is published for general information.

By order of the Governor
J. E. MAHER
*Addl. Secretary to Government*

### ଗଭର୍ଣ୍ମେଣ୍ଟ ଅର୍ଡ଼ର ନମ୍ବର ୯୫୪

ତା ୧୦-୪-୧୯୪୫ ଋଖ

ଯେଉଁ ସମୟ ପର୍ଯ୍ୟନ୍ତ କେନ୍ଦ୍ର ବ୍ୟବସ୍ଥାପକ ସଭାର ଚଳନ୍ତି ଭୋଟର ତାଲିକା ବଳବତ୍ ରହିବାର କଥା ତାହା ଗତ ହୋଇଛି । ତେଣୁ ବ୍ୟବସ୍ଥାପକ ସଭା ନିର୍ବାଚନ ନିୟମର ୯ (୪) ନିୟମ ଅନୁସାରେ ନୂଆ ଭୋଟର ତାଲିକା ଛପାର ହୋଇ ପ୍ରକାଶିତ ହେବାର ସ୍ଥିର ହୋଇଅଛି । ସମସ୍ତ ରେଜିଷ୍ଟ୍ରେସନ ଅଫିସରମାନଙ୍କୁ ଅନୁରୋଧ ଯେ ସେମାନେ ସେମାନଙ୍କର ନିର୍ବାଚନ ମଣ୍ଡଳ ନିମନ୍ତେ ନୂଆ ଭୋଟର ତାଲିକା ଛପାଇ କରିବା କାମ ଆରମ୍ଭ କରନ୍ତୁ । ଭୋଟର ତାଲିକା ଛପାଇ କରିବାର କ୍ରମଃ ଓ ତାରିଖ ସୂଚାଇ ସ୍ୱତନ୍ତ୍ର ଭାବରେ ଅର୍ଡ଼ର ପ୍ରକାଶ କରାଯିବ ।

(୨) ଭୋଟରମାନଙ୍କ ଯୋଗ୍ୟତା ଏବଂ କେନ୍ଦ୍ର ବ୍ୟବସ୍ଥାପକ ସଭାର ସାଧାରଣ ଓ ବିଶେଷ ନିର୍ବାଚନ ମଣ୍ଡଳମାନଙ୍କର ଭୋଟର ତାଲିକା ଛପାଇ କରିବାର ନିୟମାବଳୀ କ ଓ ଖ ପରିଶିଷ୍ଟରେ ପ୍ରଦତ୍ତ ହୋଇଅଛି ।

## ପରିଶିଷ୍ଟ କ

କେନ୍ଦ୍ର ବ୍ୟବସ୍ଥାପକ ସଭା

* ରେଜିଷ୍ଟ୍ରେସନ୍‌ର ସାଧାରଣ ସର୍ତ୍ତ

୧ । (୧) ଯେଉଁ ଲୋକର କୌଣସି ନିର୍ବାଚନ ମଣ୍ଡଳୀର ଭୋଟର ହେବାର ନିର୍ଦ୍ଧାରିତ ଯୋଗ୍ୟତା ଥିବ ଏବଂ ନିମ୍ନଲିଖିତ ଅଯୋଗ୍ୟତା ମଧ୍ୟରୁ କୌଣସିଟି ନ ଥିବ ସେ ଭୋଟର ତାଲିକାରେ ନିଜ ନାମ ଭୁକ୍ତ କରି ପାରିବ :—

ଅଯୋଗ୍ୟତା—(୧) ବ୍ରିଟିଶ ପ୍ରଜା ନ ହୋଇଥିବା

(୨) କ୍ଷମତାପନ୍ନ କୌଣସି କୋର୍ଟଦ୍ୱାରା ବିକୃତ ମସ୍ତିଷ୍କ ବୋଲି ସାବ୍ୟସ୍ତ ହୋଇଥିବା

(୩) ବୟସ ୨୧ ବର୍ଷରୁ କମ ହୋଇଥିବା

ପ୍ରକାଶ ଥାଉ କି ଭାରତର କୌଣସି ଦେଶୀୟ ରାଜ୍ୟର ରଜା ବା ପ୍ରଜା କୌଣସି ପ୍ରଦେଶର ବ୍ୟବସ୍ଥାପକ ସଭାର ନିର୍ବାଚନ ମଣ୍ଡଳରେ ଭୋଟର ହେବାର ଯଦି ଅଯୋଗ୍ୟ ହୋଇ ନ ଥାନ୍ତି ତାହାହେଲେ ବ୍ରିଟିଶ ପ୍ରଜା ନ ହୋଇଥିବା କାରଣବଶତଃ ସେ ପ୍ରଦେଶରେ ବ୍ୟବସ୍ଥାପକ ସଭାର ନିର୍ବାଚନ ମଣ୍ଡଳୀର ଭୋଟର ହେବାକୁ ସେ ଅଯୋଗ୍ୟ ହେବେ ନାହିଁ ।

ଅଧିକନ୍ତୁ ମଧ୍ୟ ପ୍ରକାଶ ଥାଉ ଯେ ଏକାଧିକ ସାଧାରଣ ନିର୍ବାଚନ ମଣ୍ଡଳୀର କୌଣସି ବ୍ୟକ୍ତି ଭୋଟର ହୋଇ ପାରିବେ ନାହିଁ ।

(୨) ଯଦି କୌଣସି ବ୍ୟକ୍ତି ଭାରତୀୟ ପେନାଲ କୋଡ଼ର ଏକାଦଶ ଅଧ୍ୟାୟ କ ଅନୁସାରେ ୬ ମାସରୁ ଅଧିକ କାଳ ଜେଲ ଦଣ୍ଡରେ ଦଣ୍ଡିତ ହୋଇଥାନ୍ତି ଅଥବା ଆକ୍ଟ ବା ନିଜ ଆକ୍ଟ ଅନୁସାରେ ଗଠିତ ବ୍ୟବସ୍ଥାପକ ସଭାର ନିର୍ବାଚନ ସଂକ୍ରାନ୍ତରେ ପ୍ରଣୀତ ନିୟମ ବା ଅର୍ଡ଼ର-ଇନ୍-କାଉନ୍‌ସିଲ ଅନୁଯାୟୀ ନିଯୁକ୍ତ କମିଶନଦ୍ୱାରା ଲେଜିସ୍‌ଲେଟିଭ ଆସେମ୍ବ୍‌ଲି ଇଲେକ୍ଟୋରାଲ ରୁଲ୍‌ସର ପ୍ରଥମ ଭାଗ ବା ଦ୍ୱିତୀୟ ଭାଗର ଓ ପାଞ୍ଚ ତଫସିଲର ଏକ, ଦୁଇ ବା ତିନି ଅନୁଚ୍ଛେଦରେ ବର୍ଣ୍ଣିତ ଦୁର୍ନୀତିମୂଳକ କାର୍ଯ୍ୟ କରିଥିବାର ସାବ୍ୟସ୍ତ ହୋଇଥାନ୍ତି ତାହାହେଲେ ତାଙ୍କ ନାମ ଯଦି ଭୋଟର ତାଲିକାରେ ଥାଏ ତାହାହେଲେ ତାହା କାଟି ଦିଆଯିବ ଏବଂ କୋର୍ଟରେ ବା କମିସନରମାନଙ୍କଦ୍ୱାରା ଦୋଷୀ ସାବ୍ୟସ୍ତ ହେବା ତାରିଖ ଠାରୁ ୫ ବର୍ଷ ଯାଏ ତାଙ୍କୁ ଭୋଟର ତାଲିକାଭୁକ୍ତ ହୋଇ ପାରିବ ନାହିଁ । ମୂଳରୁ ଭୋଟର ତାଲିକାରେ ନ ଥିଲେ ୫ ବର୍ଷ ଯାଏ ତହିଁରେ ଭୁକ୍ତ ହୋଇ ପାରିବ ନାହିଁ, ଏବଂ କୌଣସି ବ୍ୟକ୍ତି ଉପରୋକ୍ତ କମିସନରମାନଙ୍କ ତୁଲ୍ୟ ଅନ୍ୟ କମିସନରମାନଙ୍କଦ୍ୱାରା ଅନ୍ୟ କୌଣସି ଦୁର୍ନୀତିମୂଳକ କାର୍ଯ୍ୟ କରି ଦୋଷୀ ସାବ୍ୟସ୍ତ ହୋଇଥିଲେ ତାଙ୍କ ନାମ ଭୋଟର ତାଲିକାରୁ କାଟି ଦିଆଯିବ ଏବଂ କମିସନରମାନଙ୍କ ରିପୋର୍ଟ ତାରିଖରୁ ୪ ବର୍ଷ ଯାଏ ତାଙ୍କ ନାମ ଭୋଟର ତାଲିକାଭୁକ୍ତ ହୋଇ ପାରିବ ନାହିଁ । ମୂଳରୁ ଭୋଟର ତାଲିକାରେ ତାଙ୍କ ନାମ ନ ଥିଲେ ୪ ବର୍ଷ ଯାଏ ତାଙ୍କ ନାମ ଭୋଟର ତାଲିକାଭୁକ୍ତ ହୋଇ ପାରିବ ନାହିଁ ।

ପ୍ରକାଶ ଥାଉ କି ଏ ଉପଧାରା ଯେଉଁମାନଙ୍କ ପ୍ରତି ପ୍ରଯୁଜ୍ୟ ଗଭର୍ଣ୍ଣର-ଜେନେରାଲ-ଇନ୍-କାଉନ୍‌ସିଲ ତାଙ୍କ ନାମ ଭୋଟର ତାଲିକାଭୁକ୍ତ ହେବାକୁ ନିର୍ଦ୍ଦେଶ ଦେଇ ପାରନ୍ତି ।

* ଲେଜିସ୍‌ଲେଟିଭ ଆସେମ୍ବ୍‌ଲି ଇଲେକ୍ଟୋରାଲ ରୁଲସ୍ ୬ ଓ ୮

୨ । ଭୋଟରମାନଙ୍କ ଯୋଗ୍ୟତା :—(୧) କୌଣସି ସାଧାରଣ ନିର୍ବାଚନ ମଣ୍ଡଳୀର ଭୋଟରଙ୍କ ଯୋଗ୍ୟତା ନିମ୍ନଲିଖିତ ବିଷୟ ଉପରେ ନିର୍ଭର କରିବ :—

(କ) ସମ୍ପ୍ରଦାୟ

(ଖ) ନିବାସ

(ଗ) (୧) କୌଣସି ଘରବାଡ଼ିର ମାଲିକ ସ୍ୱତ୍ୱ ବା ଦଖଲ

(୨) ମ୍ୟୁନିସିପାଲ୍ ବା କାଣ୍ଟନମେଣ୍ଟ ରେଟ୍ ବା ଟ୍ୟାକ୍ସ ବା ସ୍ଥାନୀୟ 'ସେସ୍' ଦେଉଥିବା ଅବସ୍ଥା, ବା

(୩) ଇନ୍‌କମ୍-ଟ୍ୟାକ୍ସ ଦେଉଥିବା ଅବସ୍ଥା,

(୪) ଜମିର ଦଖଲ

ଉକ୍ତ ନିର୍ବାଚନ ମଣ୍ଡଳୀ ସଂକ୍ରାନ୍ତରେ ଏ ସବୁ ବିଷୟ ଦ୍ୱିତୀୟ ଭାଗରେ ବର୍ଣ୍ଣିତ ହୋଇଛି ।

(୨) କୌଣସି ବିଶେଷ ନିର୍ବାଚନ ମଣ୍ଡଳୀର ଭୋଟରଙ୍କ ଯୋଗ୍ୟତା ସେ ନିର୍ବାଚନ ମଣ୍ଡଳୀ ସଂକ୍ରାନ୍ତରେ ଦ୍ୱିତୀୟ ଭାଗରେ ବର୍ଣ୍ଣିତ ହୋଇଅଛି ।

## ଦ୍ୱିତୀୟ ଭାଗ

### ଭୋଟରମାନଙ୍କ ଯୋଗ୍ୟତା *

୧ । ସଂଜ୍ଞା—ଏ ଭାଗର ଉଦ୍ଦେଶ୍ୟ ନିମନ୍ତେ—

(କ) ଇଉରୋପୀୟାନ କହିଲେ ଯେଉଁ ବ୍ୟକ୍ତିର ପିତା ଇଉରୋପୀୟାନ ଓ ବ୍ରିଟିଶ ପ୍ରଜା ଏବଂ ବ୍ରିଟିଶ ଭାରତର ଅଧିବାସୀ ଏବଂ ଯେ ଉକ୍ତ ରାଜ୍ୟରେ ବା କୌଣସି ବ୍ରିଟିଶ-ଅଧିକୃତ ରାଜ୍ୟରେ ବା ଭାରତୀୟ କୌଣସି ଦେଶୀୟ ରାଜ୍ୟରେ ଜାତ କିମ୍ବା ସ୍ଥାୟୀ ବାସିନ୍ଦା ବା ଯାହାଙ୍କର ପିତା ଉପରୋକ୍ତ ପ୍ରକାରେ ଜାତ ଏବଂ ବର୍ଣ୍ଣିତ ବ୍ୟକ୍ତି ଜନ୍ମ ହେବା ତାରିଖ ପର୍ଯ୍ୟନ୍ତ ଉପରୋକ୍ତରୂପେ ବାସିନ୍ଦା ତାହାଙ୍କୁ ବୁଝାଇବ ।

(ଖ) ପୂର୍ବ ବର୍ଷ କହିଲେ ଯେଉଁ ବର୍ଷ ଭୋଟର ତାଲିକା ବା ତହିଁର ସଂଶୋଧନ ତାଲିକା ଏ ନିୟମାବଳୀ ଅନୁସାରେ ପ୍ରଥମବାର ପ୍ରକାଶିତ ହୁଏ ତହିଁର ପୂର୍ବବର୍ତ୍ତୀ ଫାଇନାନ୍‌ସିଆଲ ବା ଆର୍ଥିକ ବର୍ଷକୁ ବୁଝାଇବ ।

(ଗ) ଇଷ୍ଟେଟ କହିଲେ—

(୧) ସ୍ଥାୟୀ ସେଟେଲମେଣ୍ଟ ଜମିଦାରୀ ବା ଅସ୍ଥାୟୀ ସେଟେଲମେଣ୍ଟ ଜମିଦାରୀ

(୨) କଲେକ୍ଟରଙ୍କ ଅଫିସରେ ସ୍ୱତନ୍ତ୍ର ଭାବରେ ତାଲିକାଭୁକ୍ତ ହୋଇଥିବା ଉପରୋକ୍ତ ଦୁଇ ପ୍ରକାର ଇଷ୍ଟେଟର କୌଣସି ଅଂଶ

(୩) କୌଣସି ଅନସେଟେଲ ପାଲିୟାମ୍ ବା ଜାଗିର

(୪) ଯେଉଁ ଇନାମ ଗାଁର ଖଣ୍ଡକୁ ବ୍ରିଟିଶ ଗଭର୍ଣ୍ଣମେଣ୍ଟ ସମର୍ଥିତ ବା ଗଠିତ କରିଥିବେ ବା ଉକ୍ତ ଗ୍ରାମର କୌଣସି ସ୍ୱତନ୍ତ୍ର ଅଂଶ

(୫) (୧) (୨) (୩) ରେ ବର୍ଣ୍ଣିତ ଇଷ୍ଟେଟମାନଙ୍କର କୌଣସି ଅଂଶରେ ଥିବା ଏକ ବା ଏକାଧିକ ଗ୍ରାମ ଯାହା କି ସ୍ଥାୟୀ ଭାବରେ ଅଣ୍ଡର-ଟେନ୍ୟୁରର ସ୍ୱତ୍ୱ ଭୁକ୍ତ ହୋଇଅଛି ଏ ସବୁକୁ ବୁଝାଇବ ।

(ଘ) ରୟତ କହିଲେ ଯେଉଁ ଲୋକ କୃଷି ଉଦ୍ଦେଶ୍ୟରେ କୌଣସି ଷ୍ଟେଟରେ ଜମିଦାରଙ୍କୁ ଆଇନସଙ୍ଗତ ଖଜଣା ଦେବାକୁ ରୟତି ଜମି ଦଖଲ କରେ ତାକୁ ବୁଝାଏ ।

୨ । ରାଜସ୍ୱ ହିସାବ ପ୍ରକୃତ ନିଷ୍ପତ୍ତିମୂଳକ ପ୍ରମାଣ ହେବ । ଏ ଭାଗ ଅନୁଯାୟୀ କୌଣସି ଯୋଗ୍ୟତାର ଦାବୀ କଲେ ରାଜସ୍ୱ ହିସାବରେ ଉଲ୍ଲେଖ ହୋଇଥିବା ବିଷୟ, ମ୍ୟୁନିସିପାଲିଟି କାଗଜପତ୍ରରେ ଉଲ୍ଲେଖ ହୋଇଥିବା ବିଷୟ ଉକ୍ତ ବିଷୟ ସମ୍ବନ୍ଧରେ ନିଷ୍ପତ୍ତିମୂଳକ ପ୍ରମାଣ ହେବ ।

୩ । ଏକାନ୍ନବର୍ତ୍ତୀ ପରିବାର—(୧) କୌଣସି ଏକାନ୍ନବର୍ତ୍ତୀ ପରିବାରର ଲୋକେ ବା ମିଳିତ ପଟ୍ଟାଦାରମାନେ ଯଦି ଏକାଠି ରାଜସ୍ୱ ଦେଉଥାନ୍ତି ବା ସମ୍ପତ୍ତିର ଅଧିକାରୀ ହୋଇଥାନ୍ତି ତା'ହେଲେ ଏ ଭାଗରେ ବର୍ଣ୍ଣିତ ଯୋଗ୍ୟତା ନିମନ୍ତେ ଉକ୍ତ ପରିବାର ବା ହୋଲ୍‌ଡରଙ୍କୁ ଭିତ୍ତି କରି ଯୋଗ୍ୟତାର ବିଚାର କରାଯିବ । ପରିବାରର ଅଧିକାଂଶ ଲୋକ ବା ଜଏଣ୍ଟ ହୋଲ୍‌ଡରଙ୍କର ଅଧିକାଂଶ ପଟ୍ଟାଦାର ସେମାନଙ୍କ ମଧ୍ୟରୁ ଯେଉଁ ଲୋକକୁ ମନୋନୀତ କରିବେ ସେ ଭୋଟର ହେବ । ହିନ୍ଦୁ ଏକାନ୍ନବର୍ତ୍ତୀ ପରିବାରର ମ୍ୟାନେଜର ବା ପରିଚାଳକ ସାଧାରଣତଃ ଭୋଟର ହେବାର କଥା କିନ୍ତୁ ଉକ୍ତ ପରିବାରର ଅଧିକାଂଶ ଲୋକ ଯଦି ଅନ୍ୟ କୌଣସି ସାବାଳକ ଲୋକକୁ ମନୋନୀତ କରନ୍ତି ତା'ହେଲେ ମ୍ୟାନେଜରଙ୍କ ପରିବର୍ତ୍ତେ ଉକ୍ତ ବ୍ୟକ୍ତି ଭୋଟର ହେବେ ।

(୨) କୌଣସି ବ୍ୟକ୍ତି ନିଜର ବ୍ୟକ୍ତିତ୍ୱରେ ଅଥବା ଏକାନ୍ନବର୍ତ୍ତୀ ପରିବାର ବା ମିଳିତ ପଟ୍ଟାଦାରଙ୍କ ପ୍ରତିନିଧିରୂପେ ଭୋଟର ହେବାର ଯୋଗ୍ୟ ହୋଇ ପାରନ୍ତି । ଉଭୟ କ୍ଷମତା ବଳରେ ଭୋଟର ହୋଇ ପାରିବେ ନାହିଁ ।

୪ । ମୁରବୀ-କ୍ଷମତା ବଳରେ କେହି ଭୋଟର ହୋଇ ପାରିବେ ନାହିଁ :—ସମ୍ପତ୍ତି ଉପରେ ବ୍ୟକ୍ତିଗତ ଅଧିକାର ନ ଥାଇ ମୁରବୀଆନାରୁ ଉଦ୍ଭୂତ ଅଧିକାର ଥିଲେ ଶେଷୋକ୍ତ ଅଧିକାର ବଳରେ କେହି ଭୋଟର ହୋଇ ପାରିବେ ନାହିଁ । ଭୋଟର ହେବାର ଅଧିକାର ଏ ଭାଗରେ ବର୍ଣ୍ଣିତ ହୋଇଛି ।

୫ । ବାର୍ଷିକ ରାଜସ୍ୱର ମୂଲ୍ୟ ନିର୍ଦ୍ଧାରଣ :—ଏ ଭାଗର ଉଦ୍ଦେଶ୍ୟ ନିମନ୍ତେ ଜମିର ରାଜସ୍ୱର ମୂଲ୍ୟ ୧୯୨୦ ମସିହାର ମାନ୍ଦ୍ରାଜ ଲୋକାଲବୋର୍ଡ ଆକ୍ଟର ୭୯ ଦଫାର ବ୍ୟବସ୍ଥା ଅନୁସାରେ ଭୋଟର ଲିଷ୍ଟ ତିଆର ହୋଇ ପ୍ରକାଶିତ ହେଉଥିବା ବର୍ଷର ପୂର୍ବ ଫସଲି ବର୍ଷର ହିସାବ ଉପରେ ଦୃଷ୍ଟି ରଖି ଧାର୍ଯ୍ୟ କରାଯିବ । ସେ ବର୍ଷର ହିସାବ ଯଦି ନ ମିଳେ ତା'ହେଲେ ଜମି ସଂକ୍ରାନ୍ତ ଯେଉଁ ଶେଷ ହିସାବ ଥିବ ତା ଉପରେ ଦୃଷ୍ଟି ରଖି ମୂଲ୍ୟ ଧାର୍ଯ୍ୟ କରାଯିବ । ପ୍ରକାଶ ଥାଉ କି ୧୯୨୦ ମସିହାର ମାନ୍ଦ୍ରାଜ ଲୋକାଲବୋର୍ଡ ଆକ୍ଟର ୭୯ ଦଫା ଅନୁସାରେ ମୂଲ୍ୟ ଯଦି ଧାର୍ଯ୍ୟ ହୋଇ ନ ପାରେ ତାହାହେଲେ ଏ ଭାଗର ପ୍ରୟୋଜନ ଉଦ୍ଦେଶ୍ୟରେ ରେଜିଷ୍ଟ୍ରେସନ ଅଫିସରଙ୍କୁ ଜମି ରାଜସ୍ୱ ସମ୍ବନ୍ଧରେ ଯେଉଁ ଖବର ମିଳିବ ତାହା ଉପରେ ଦୃଷ୍ଟି ରଖି ସେ ରାଜସ୍ୱର ମୂଲ୍ୟ ଧାର୍ଯ୍ୟ କରାଯିବ ।

### ସାଧାରଣ ନିର୍ବାଚନ ମଣ୍ଡଳ

୬ । ମାନ୍ଦ୍ରାଜ ସହରର ନିର୍ବାଚନ ମଣ୍ଡଳ :—ଯେଉଁ ବ୍ୟକ୍ତି ମୁସଲମାନ ବା ଇଉରୋପୀୟାନ ହୋଇ ନ ଥିବ ଏବଂ ପୂର୍ବ ବର୍ଷ ସହରରେ ୧୨୦ ଦିନରୁ କମ୍ ସମୟ ରହି ନ ଥିବ ସେ ଏ ନିର୍ବାଚନ ମଣ୍ଡଳରେ ଭୋଟର ହୋଇ ପାରିବ—

(କ) ପୂର୍ବ ବର୍ଷ ତା ଉପରେ ଯଦି ନିମ୍ନଲିଖିତ ଏକ ବା ଏକାଧିକ ଟିକସ ବାବଦରେ ଟ ୨୦ ଙ୍କାରୁ କମ୍ ଟିକସ ଧାର୍ଯ୍ୟ ହୋଇ ନ ଥାଏ ତାହେଲେ ସେ ମଧ୍ୟ ଭୋଟର ହୋଇ ପାରିବ :—

ଟିକସମାନଙ୍କ ନାମ :—ପ୍ରପର୍ଟି ଟିକସ, କମ୍ପାନି ଟିକସ, ପ୍ରଫେସନ ଟିକସ ।

ବା (ଖ) ଗତବର୍ଷ ତା ଉପରେ ଯଦି ଇନ୍‌କମ୍ ଟିକସ ଧାର୍ଯ୍ୟ ହୋଇଥିବ ତେବେ ସେ ଭୋଟ ଦେଇପାରିବ ।

* ଲେଜିସ୍‌ଲେଟିଭ ଆସେମ୍ବ୍ଲି ଇଲେକ୍ଟୋରାଲ ରୁଲସ୍

୭ । ମଫସଲ ନିର୍ବାଚନ ମଣ୍ଡଳ :—ପୂର୍ବ ବର୍ଷ ଯେଉଁ ଲୋକ ନିର୍ବାଚନ ମଣ୍ଡଳରେ ୧୨୦ ଦିନରୁ କମ୍ ସମୟ ରହି ନାହିଁ, ଅନ୍ୟ କୌଣସି ସାଧାରଣ ନିର୍ବାଚନମଣ୍ଡଳରେ ଭୋଟର ହେବାରେ ଯୋଗ୍ୟ ହେବ—

(କ) ଯେଉଁ ଜମିର ବାର୍ଷିକ ଖଜଣା ଟ ୫୦ ଙ୍କାରୁ କମ୍ ନୁହେଁ ତହିଁରେ ରୟତୱାରି ପଟ୍ଟାଦାର ବା ଇନାମଦାର ଥିଲେ ସେ ଭୋଟର ହୋଇପାରିବ ।

(ଖ) ଯେଉଁ ଜମିର ବାର୍ଷିକ ଖଜଣା ଟ ୫୦ ଙ୍କାରୁ କମ୍ ନୁହେଁ ତହିଁର ରୟତୱାରି ପଟ୍ଟାଦାର ବା ଇନାମଦାରଠାରୁ ସେ ଯଦି ରେଜିଷ୍ଟ୍ରି ପଟ୍ଟା ପାଇଥାଏ ତା'ହେଲେ ସେ ଭୋଟର ହୋଇପାରିବ ।

(ଗ) ଯେଉଁ ଜମିର ବାର୍ଷିକ ଖଜଣା ଟ ୫୦ ଙ୍କାରୁ କମ୍ ନୁହେ ତହିଁର ଦଖଲକାରରୂପେ ୧୮୯୫ ମସିହାର ମାଲବାର ଲ୍ୟାଣ୍ଡ ରେଜିଷ୍ଟ୍ରେସନ ଆକ୍ଟର ୧୪ ଦଫା ଅନୁସାରେ ଜମିର ସ୍ୱତ୍ୱାଧିକାରୀଙ୍କ ସହିତ ଉକ୍ତ ବ୍ୟକ୍ତିର ନାମ ଯଦି ରେଜିଷ୍ଟ୍ରିଭୁକ୍ତ ହୋଇଥାଏ ତା'ହେଲେ ସେ ଭୋଟର ହୋଇ ପାରିବ ।

(ଘ) ଯେଉଁ ଜମିଦାରୀର ବାର୍ଷିକ ଖଜଣା ଟ ୫୦ ଙ୍କାରୁ କମ୍ ନୁହେ ତହିଁର ସେ ଯଦି ଜମିଦାର ହୋଇଥାଏ, ବା

(ଙ) ଯେଉଁ ଜମିର ବାର୍ଷିକ ଖଜଣା ଟ ୫୦ ଙ୍କାରୁ କମ୍ ନୁହେ, ଜମିଦାରଙ୍କ ଅଧୀନରେ ଉକ୍ତ ଜମି ଯଦି ସେ ରୟତରୂପେ ଦଖଲ କରୁଥାଏ ତା'ହେଲେ ସେ ଭୋଟର ହୋଇ ପାରିବ ।

(ଚ) ନିର୍ବାଚନ ମଣ୍ଡଳରେ ଥିବା ମ୍ୟୁନିସିପାଲିଟି ଦ୍ୱାରା କୌଣସି ଲୋକ ଉପରେ ଯଦି ପୂର୍ବ ବର୍ଷ ନିମ୍ନଲିଖିତ ଟିକସମାନଙ୍କ ମଧ୍ୟରୁ ଏକ ବା ଏକାଧିକ ଟିକସ ବାବଦରେ ଯଦି ଟ ୨୦ ଙ୍କାରୁ କମ୍ ଟିକସ ଧାର୍ଯ୍ୟ ହୋଇ ନ ଥାଏ ତା'ହେଲେ ସେ ଭୋଟର ହୋଇପାରିବ :—

ଟିକସମାନଙ୍କର ନାମ—ପ୍ରପର୍ଟି ଟିକସ, କମ୍ପାନି ଟିକସ, ପ୍ରଫେସନ ଟିକସ ।

(ଛ) ଗତ ବର୍ଷ ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଇନକମ୍ ଟିକସ ଧାର୍ଯ୍ୟ ହୋଇଥାଏ ତେବେ ସେ ଭୋଟର ହୋଇପାରିବ ।

ପ୍ରକାଶ ଥାଉ କି—

(୧) କୌଣସି ମୁସଲମାନ ବା ଇଉରୋପୀୟାନ କୌଣସି ଅ-ମୁସଲମାନ ନିର୍ବାଚନ ମଣ୍ଡଳରେ ଭୋଟର ହୋଇ ପାରିବ ନାହିଁ

(୨) ମୁସଲମାନ ମୁସଲମାନ ନିର୍ବାଚନ ମଣ୍ଡଳର ଓ ଇଉରୋପୀୟାନ ଇଉରୋପୀୟାନ ନିର୍ବାଚନ ମଣ୍ଡଳର ଭୋଟର ହୋଇ ପାରିବ ।

(୩) କୌଣସି ଇଉରୋପୀୟାନ ଯଦି ମାନ୍ଦ୍ରାଜ ଇଉରୋପୀୟାନ ନିର୍ବାଚନ ମଣ୍ଡଳରେ ଗୃହଭିତ୍ତି କରିଥାଏ ଏବଂ ଛୁଟି ନେଇ ଅନୁପସ୍ଥିତ ରହିଥାଏ ତା'ହେଲେ ନିର୍ବାଚନ ମଣ୍ଡଳରେ ନିର୍ଦ୍ଧାରିତ କାଳ ନ ରହିବା ବଶତଃ ଭୋଟର ହେବାକୁ ସେ ଅଯୋଗ୍ୟ ହେବ ନାହିଁ ।

## ବିଶେଷ ନିର୍ବାଚନ ମଣ୍ଡଳ

୮ । ଜମିଦାର ନିର୍ବାଚନ ମଣ୍ଡଳ :—ନିଉ ଆକ୍ଟ ଅନୁସାରେ ମାନ୍ଦ୍ରାଜ ପ୍ରଦେଶ ପାଇଁ ଗଠିତ ହୋଇଥିବା ବ୍ୟବସ୍ଥାପକ ସଭାର ଜମିଦାର ନିର୍ବାଚନ ମଣ୍ଡଳର ଭୋଟର ତାଲିକାରେ ନାମଭୁକ୍ତ ହେବାର ଯାହାଙ୍କର ଯୋଗ୍ୟତା ଥିବ ସେ ଜମିଦାର ନିର୍ବାଚନ ମଣ୍ଡଳର ଭୋଟର ହୋଇପାରିବ—

(୧) ଗତ ଆର୍ଥିକ ବର୍ଷରେ ଯେଉଁ ବ୍ୟକ୍ତି ଜମିଦାର ନିର୍ବାଚନ ମଣ୍ଡଳରେ ଥିବା କୌଣସି ଘରରେ ୧୨୦ ଦିନରୁ କମ୍ ସମୟ ରହିଥିବ ତା ନାମ ଜମିଦାର ନିର୍ବାଚନ ମଣ୍ଡଳର ଭୋଟର ଲିଷ୍ଟଭୁକ୍ତ ହୋଇ ପାରିବ ନାହିଁ ।

(୨) ଜମିଦାର ନିର୍ବାଚନ ମଣ୍ଡଳର ଭୋଟର ଲିଷ୍ଟରେ ଯାହାର ନାମ ଭୁକ୍ତ ହୋଇ ପାରିବ ସେ ଜମିଦାର 'ଜନମି' ଅଥବା ମାଲିକାନଦାର ହୋଇଥିବ ଏବଂ ହୁଏତ—

(କ) ପ୍ରଦେଶର କୌଣସି ଜମିଦାରୀରୁ ବା ବ୍ରିଟିଶ ଭାରତର କୌଣସି ସରକାରଙ୍କଠାରୁ ମାଲିକାନାରୂପେ ଅଥବା ଅଂଶତଃ ପ୍ରଥମ ବାବଦରୁ ଏବଂ ଅଂଶତଃ ଦ୍ୱିତୀୟ ବାବଦରୁ ପରେ ନିର୍ଦ୍ଧାରିତ ହୋଇଥିବା ହିସାବ ଅନୁସାରେ ବାର୍ଷିକ ଟ ୩,୦୦୦ ଙ୍କାରୁ କମ୍ ଟଙ୍କା ଆୟ କରୁ ନ ଥିବ, ବା

(ଖ) ପ୍ରଦେଶର କୌଣସି ଜମିର 'ଜନମି'ରୂପେ ତା ଉପରେ ବାର୍ଷିକ ଟ ୧,୫୦୦ ଙ୍କାରୁ କମ୍ ଟଙ୍କା ଧାର୍ଯ୍ୟ ହେଉ ନ ଥିବ ।

ଦ୍ରଷ୍ଟବ୍ୟ :—ଏ ଅନୁଚ୍ଛେଦ ଉଦ୍ଦେଶ୍ୟରେ—

(କ) ଜମିଦାର କହିଲେ କୌଣସି ଜମିଦାରୀର ଅଧିକାରୀଙ୍କୁ ବୁଝାଇବ ।

(ଖ) ଜମିଦାରଙ୍କ ବାର୍ଷିକ ଆୟ କହିଲେ ୧୯୨୦ ମସିହାର ମାନ୍ଦ୍ରାଜ ଲୋକାଲ ବୋର୍ଡ ଆକ୍ଟ ଅନୁସାରେ ଯେଉଁ ଖଜଣାକୁ ନେଇ ଲ୍ୟାଣ୍ଡ 'ସେସ୍' ଧାର୍ଯ୍ୟ ହେଉଥିବ ତାହାକୁ ବୁଝାଇବ । ଏଥିରେ ଜମିଦାର ସରକାରଙ୍କୁ ଦେଉଥିବା 'ଯୋଡ଼ି', 'କ୍ୱିଟରେଣ୍ଟ', 'ପେସ୍‌କେସ୍' ଓ ଅନୁରୂପ ଅନ୍ୟାନ୍ୟ ସରକାରୀ ଦେୟ ମିଶିବ ନାହିଁ ।

(ଗ) ଜମିଦାରୀର ଯେଉଁ ଅଂଶ ସ୍ୱତନ୍ତ୍ର ଭାବରେ କଲେକ୍ଟରଙ୍କ ଅଫିସରେ ରେଜିଷ୍ଟ୍ରିଭୁକ୍ତ ହୋଇ ନ ଥିବ ସେ ଅଂଶର ଆୟ ଏ ଉଦ୍ଦେଶ୍ୟରେ ଗ୍ରାହ୍ୟ କରାଯିବ ନାହିଁ ।

(ଘ) ଦୁଇ ବା ଦୁଇରୁ ଅଧିକ ଖଣ୍ଡ ଜମି ଉପରେ ଧାର୍ଯ୍ୟ ହେଉଥିବା ଖଜଣାକୁ ଏକତ୍ର କରିବାକୁ ହେବ ।

ପ୍ରକାଶ ଥାଉ କି ପରବର୍ତ୍ତୀ ଅନୁଚ୍ଛେଦର ପରବର୍ତ୍ତୀ ଅନୁଚ୍ଛେଦରେ ବର୍ଣ୍ଣିତ ଜମିର ଖଜଣା ଏବଂ ଅନ୍ୟ ଜମିର ଖଜଣା ନିମ୍ନଲିଖିତ ସର୍ତ୍ତ ପୂରଣ ନ ହେଲେ ଏକାଠି ମିଶାଯାଇ ପାରିବ ନାହିଁ । ଅନ୍ୟ ଜମିର ଦଖଲକାର ପ୍ରଥମୋକ୍ତ ଜମିର ମିଳିତ ଦଖଲକାରମାନଙ୍କ ପ୍ରତିନିଧି ବୋଲି ମନୋନୀତ ହୋଇଥିବା ଦରକାର ।

(୩) ପରବର୍ତ୍ତୀ ଅନୁଚ୍ଛେଦର ସର୍ତ୍ତ ଅନୁଯାୟୀ ଯଦି କୌଣସି ବ୍ୟକ୍ତିର ନାମରେ ଜମିଦାରୀ ରେଜିଷ୍ଟ୍ରିଭୁକ୍ତ ହୋଇ ନ ଥାଏ ତା'ହେଲେ ଉକ୍ତ ଜମିଦାରୀର ଆୟ ବଳରେ ସେ ଜମିଦାର ନିର୍ବାଚନ ମଣ୍ଡଳରେ ଭୋଟର ହେବାର କାରଣ ସ୍ୱରୂପ ଉକ୍ତ ଜମିଦାରୀର ଆୟକୁ ଗ୍ରାହ୍ୟ କରି ହୋଇ ପାରିବ ନାହିଁ ।

(୪) (୧) ଜମିର ମିଳିତ ଦଖଲକାରରୂପେ ଯଦି ଅନେକ ଲୋକଙ୍କ ନାମ ରେଜିଷ୍ଟ୍ରିଭୁକ୍ତ ହୋଇଥାଏ ତା'ହେଲେ ସେମାନଙ୍କ ମଧ୍ୟରୁ ଅଧିକ ସଂଖ୍ୟକ ସାବାଳକ ଲୋକ ସେମାନଙ୍କ ମଧ୍ୟରୁ ଜଣେ କାହାକୁ (ଜମିର ଏକାଏକ ମାଲିକ ଥିଲେ ସେ ଯଦି ଭୋଟର ହୋଇ ପାରନ୍ତା ତାହାହେଲେ ତାକୁ) ସେମାନଙ୍କ ତରଫରୁ ଭୋଟ ଦେବାକୁ ସେମାନେ ପ୍ରତିନିଧି ନିର୍ବାଚନ କରି ପାରନ୍ତି । କେବଳ ଏହି ପ୍ରତିନିଧିର ନାମ ଭୋଟର ତାଲିକାରେ ଉଠି ପାରିବ । ପ୍ରତିନିଧି ନିର୍ବାଚନ ହୋଇ ନ ଥିଲେ ଏ ଜମି ସଂକ୍ରାନ୍ତ କାହାର ନାମ ଭୋଟର ତାଲିକାଭୁକ୍ତ ହୋଇ ପାରିବ ନାହିଁ ।

(୨) ୧୮୯୫ ଖ୍ରୀଷ୍ଟାବ୍ଦର ମାଲବାର ଲ୍ୟାଣ୍ଡ ରେଜିଷ୍ଟ୍ରେସନ ଆକ୍ଟର ୧୪ ଦଫା ଅନୁସାରେ ଜମି ମିଳିତ ସ୍ୱତ୍ୱାଧିକାରୀମାନଙ୍କ ନାମରେ ରେଜିଷ୍ଟ୍ରି ହୋଇଥିଲେ ତାହା ଏ ଅନୁଚ୍ଛେଦର ଉଦ୍ଦେଶ୍ୟରେ ଗୃହୀତ ହୋଇ ପାରିବ ନାହିଁ ।

(୩) ଯଦି କୌଣସି ବ୍ୟକ୍ତି ନିଜର ବ୍ୟକ୍ତିଗତ ଭୂସମ୍ପତ୍ତି ବଳରେ ଭୋଟର ହେବାକୁ ଯୋଗ୍ୟ ହୋଇଥାଏ ଏବଂ କେତେକ ମିଳିତ ସ୍ୱତ୍ୱାଧିକାରୀଙ୍କ ତରଫରୁ ମନୋନୀତ ପ୍ରତିନିଧିରୂପେ ଭୋଟର ହେବାକୁ ଯୋଗ୍ୟ ହୋଇଥାଏ ତାହାହେଲେ ଏଥିମଧ୍ୟରୁ ଗୋଟିଏ ମାତ୍ର ଯୋଗ୍ୟତା ବଳରେ ସେ ଭୋଟର ହୋଇପାରିବ । ଦୁଇଟିଯାକ ଯୋଗ୍ୟତା ସେ ବ୍ୟବହାର କରି ପାରିବ ନାହିଁ ।

୯। ସ୍ୱରଜାତୀୟ ବଣିକ ନିର୍ବାଚନ ମଣ୍ଡଳ :—ନିମ୍ନଲିଖିତ ସର୍ତ୍ତରେ ଯେ କୌଣସି ସ୍ୱରଜାତୀୟ ଏବଂ ପ୍ରତ୍ୟେକ ସ୍ୱରଜାତୀୟ ପାର୍ଟନରସିପ୍ ପକ୍ଷରୁ ଯଥାବିଧି କ୍ଷମତାପ୍ରାପ୍ତ ପ୍ରତିନିଧି ସ୍ୱରଜାତୀୟ ବଣିକ ନିର୍ବାଚନ ମଣ୍ଡଳର ଭୋଟର ତାଲିକାଭୁକ୍ତ ହୋଇ ପାରିବେ। ସେ ପୂର୍ବବର୍ଷ ପ୍ରେସିଡେନ୍‌ସିରେ ୧୨୦ ଦିନରୁ କମ ସମୟ ବାସ କରି ନ ଥିବେ। ୧୯୨୨ ମସିହାର ଇନ୍‌କମ ଟ୍ୟାକ୍ସ ଆଇନରେ ବ୍ୟବସାୟ ଯେଉଁ ଅର୍ଥରେ ବ୍ୟବହୃତ ହୁଏ ସେ ଅର୍ଥରେ ବ୍ୟବସାୟ ସେଥିରୁ ଉକ୍ତ କମ୍ପାନୀ ବା ପାର୍ଟନରସିପ ଉପରେ ଟ ୧୦,୦୦୦ ଟଙ୍କାରୁ କମ ଟଙ୍କା ଇନକମ ଟ୍ୟାକ୍ସରୂପେ ଧାର୍ଯ୍ୟ ହୋଇ ନ ଥିବ।

ଦ୍ରଷ୍ଟବ୍ୟ :—ଏ ଅନୁଚ୍ଛେଦ ଉଦ୍ଦେଶ୍ୟରେ—

(କ) ସ୍ୱରଜାତୀୟ କହିଲେ ଯେ ଇଉରୋପୀୟାନ ନୁହେଁ ତାକୁ ବୁଝାଇବ।

(ଖ) ସ୍ୱରଜାତୀୟ ପାର୍ଟନରସିପ୍ କହିଲେ ଇଉରୋପୀୟ ନ ହୋଇଥିବା କୌଣସି ଏକାନ୍ନବର୍ତ୍ତୀ ପରିବାର ଫାର୍ମ, ସଂଘ ବା କମ୍ପାନୀ ଯହିଁର କୌଣସି ଅଂଶୀଦାର ବା ଡାଇରେକ୍ଟର ଇଉରୋପୀୟାନ ହୋଇ ନ ଥିବ ତାକୁ ବୁଝାଇବ।

# ପରିଶିଷ୍ଟ ଗ

କେନ୍ଦ୍ର ବ୍ୟବସ୍ଥାପକ ସଭା

* ଭୋଟର ତାଲିକା ତିଆର କରିବା ନିମନ୍ତେ ନିୟମାବଳୀ

ବ୍ୟବସ୍ଥାପକ ସଭାର ଇଲେକ୍‌ଟୋରାଲ ରୁଲ ୯ (୨) ଦଫା ଅନୁସାରେ ମାନ୍ଦ୍ରାଜ ପ୍ରେସିଡେନ୍‌ସିରେ ଥିବା ବ୍ୟବସ୍ଥାପକ ସଭାର ନିର୍ବାଚନ ମଣ୍ଡଳ ନିମନ୍ତେ ପ୍ରଣୀତ †

## ପ୍ରଥମ ଭାଗ

୧। ଇଉରୋପୀୟାନ ଜମିଦାର ଓ ସ୍ୱରଜାତୀୟ ବଣିକ ନିର୍ବାଚନ ମଣ୍ଡଳ ଛଡ଼ା ଅନ୍ୟାନ୍ୟ ସମସ୍ତ ନିର୍ବାଚନ ମଣ୍ଡଳର ଭୋଟର ତାଲିକା ତିଆର ପ୍ରତି ଏ ସମସ୍ତ ନିୟମ ପ୍ରଯୁଜ୍ୟ ହେବ।

୨। ପ୍ରତି ନିର୍ବାଚନ ମଣ୍ଡଳ ପାଇଁ ସ୍ୱତନ୍ତ୍ର ଭୋଟର ତାଲିକା ହେବ। ଭୋଟର ତାଲିକାରେ ନିମ୍ନଲିଖିତ ବିଷୟ ରହିବ, ଯଥା :—

ଭୋଟରର ନାମ—ଭୋଟରର ପିତା ବା କର୍ତ୍ତାବାନ ବା ସ୍ୱାମୀର ନାମ—ଠିକଣା ଓ ଯୋଗ୍ୟତା—ଏଥି ସହିତ ସଂଲଗ୍ନ ୧ ନମ୍ବର ଫାରମରେ ଏ ତାଲିକା ଲେଖାଯିବ ଏବଂ ନିର୍ବାଚନ ମଣ୍ଡଳରେ ଥିବା ପ୍ରତ୍ୟେକ ରେଜିଷ୍ଟ୍ରେସନ ଅଞ୍ଚଳ ନିମନ୍ତେ ଏହା ବିଭିନ୍ନ ଭାଗରେ ବିଭକ୍ତ ହେବ। ପ୍ରତ୍ୟେକ ଭାଗ ମଧ୍ୟ ରେଜିଷ୍ଟ୍ରେସନ ଅଞ୍ଚଳରେ ଥିବା ପ୍ରତି ପୋଲିଙ୍ଗ ଅଞ୍ଚଳ ନିମନ୍ତେ ଉପବିଭାଗରେ ବିଭକ୍ତ ହେବ। ରେଜିଷ୍ଟ୍ରେସନ ଅଞ୍ଚଳର ପ୍ରତି ପୋଲିଙ୍ଗ ଅଞ୍ଚଳର ସ୍ୱତନ୍ତ୍ର ନମ୍ବର ରହିବ। ପ୍ରତି ପୋଲିଙ୍ଗ ଅଞ୍ଚଳର ଭୋଟରମାନଙ୍କର ଏକାଦିକ୍ରମେ ଏକାଠି ନମ୍ବର ରହିବ। ମଫସଲ ପୋଲିଙ୍ଗ ଅଞ୍ଚଳର ଗାଁମାନ ବର୍ଣ୍ଣମାଳା କ୍ରମେ ଲିଖିତ ହେବ ଏବଂ ପ୍ରତି ଗାଁର ଭୋଟରଙ୍କ ନାମ ମଧ୍ୟ ବର୍ଣ୍ଣମାଳାକ୍ରମେ ଲିଖିତ ହେବ। ମ୍ୟୁନିସିପାଲିଟି ଅଞ୍ଚଳରେ ପ୍ରତି ପୋଲିଙ୍ଗ ଅଞ୍ଚଳର ଭୋଟରମାନଙ୍କ ନାଁ ବର୍ଣ୍ଣମାଳା କ୍ରମେ ଲିଖିତ ହେବ।

୩। ପ୍ରତ୍ୟେକ ଭୋଟର ତାଲିକା ଜିଲ୍ଲାର ପ୍ରଚଳିତ ଭାଷାରେ ଲିଖିତ ହେବ। ପ୍ରକାଶ ଥାଉ କି ପ୍ରାଦେଶିକ ସରକାର କୌଣସି ଭୋଟର ତାଲିକା ବା ତହିଁର କୌଣସି ଅଂଶ ଅନ୍ୟ କୌଣସି ଭାଷା ବା ଭାଷାମାନଙ୍କରେ ଲିଖିତ ହେବାକୁ ଆଦେଶ ଦେଇ ପାରିବେ।

୪। (କ) ମାନ୍ଦ୍ରାଜ ସହରର ପ୍ରତି ମଫସଲ ମ୍ୟୁନିସିପାଲିଟି ଓ ଜିଲ୍ଲାର ପ୍ରତି ରେଭିନ୍ୟୁ ଡିଭିଜନ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ରେଜିଷ୍ଟ୍ରେସନ ଅଞ୍ଚଳ ହେବ। ଉକ୍ତ ଡିଭିଜନମାନଙ୍କରୁ ଏ ଉଦ୍ଦେଶ୍ୟରେ ମ୍ୟୁନିସିପାଲ ଅଞ୍ଚଳମାନ ବାଦ୍ ଯିବ।

(ଖ) ମାନ୍ଦ୍ରାଜ ସହର ପାଇଁ ମାନ୍ଦ୍ରାଜ କର୍ପୋରେସନର କମିଶନର, ପ୍ରତି ମଫସଲ ମ୍ୟୁନିସିପାଲିଟି ପାଇଁ ମ୍ୟୁନିସିପାଲ କାଉନ୍‌ସିଲର ଏକ୍‌ଜିକ୍ୟୁଟିଭ କର୍ତ୍ତୃପକ୍ଷ ଏବଂ ପ୍ରତି ରେଭିନ୍ୟୁ ଡିଭିଜନ୍ ପାଇଁ ରେଭିନ୍ୟୁ ଡିଭିଜନାଲ ଅଫିସର ରେଜିଷ୍ଟ୍ରେସନ ଅଫିସର ହେବେ।

ପ୍ରକାଶ ଥାଉ କି ରେଜିଷ୍ଟ୍ରେସନ ଅଫିସରଙ୍କର ଯେ କୌଣସି କ୍ଷମତା ଓ କର୍ତ୍ତବ୍ୟ ପ୍ରାଦେଶିକ ସରକାରଙ୍କ ଦ୍ୱାରା ଅନୁମୋଦିତ ତାଙ୍କର ଯେ କୌଣସି ପ୍ରତିନିଧି ପ୍ରାପ୍ତ ହୋଇପାରିବେ ଏବଂ ଉକ୍ତ କ୍ଷମତା ଓ କର୍ତ୍ତବ୍ୟସଂକ୍ରାନ୍ତ ନିୟମ ସମାନ ଭାବରେ ରେଜିଷ୍ଟ୍ରେସନ ଅଫିସର ଓ ଉକ୍ତ ପ୍ରତିନିଧିଙ୍କ ପ୍ରତି ପ୍ରଯୁଜ୍ୟ ହେବ।

୫। ପ୍ରତି ରେଜିଷ୍ଟ୍ରେସନ ଅଞ୍ଚଳ ସ୍ୱତନ୍ତ୍ର ପୋଲିଙ୍ଗ ଅଞ୍ଚଳରେ ବିଭକ୍ତ ହେବ। ପ୍ରାଦେଶିକ ସରକାର ଯେଉଁ ସାଧାରଣ ବା ବିଶେଷ ଉପଦେଶ ପ୍ରକାଶ କରିବେ ତାହା ଅନୁଯାୟୀ ମାନ୍ଦ୍ରାଜ ସହରରେ ମାନ୍ଦ୍ରାଜ କର୍ପୋରେସନର କମିଶନର ମଫସଲ ମ୍ୟୁନିସିପାଲିଟିମାନଙ୍କରେ ମ୍ୟୁନିସିପାଲ କାଉନ୍‌ସିଲର ଏକ୍‌ଜିକ୍ୟୁଟିଭ କର୍ତ୍ତୃପକ୍ଷ ଏବଂ ଅନ୍ୟାନ୍ୟ ଅଞ୍ଚଳରେ ରେଭିନ୍ୟୁ ଡିଭିଜନାଲ ଅଫିସରମାନେ ପୋଲିଙ୍ଗ ଅଞ୍ଚଳ ଧାର୍ଯ୍ୟ କରିବେ।

ପ୍ରକାଶ ଥାଉ କି, ପୋଲିଙ୍ଗ ଅଞ୍ଚଳସବୁ ଏପରି ଧାର୍ଯ୍ୟ କରିବାକୁ ହେବ ଯେ ସମସ୍ତ ଭୋଟର ଭୋଟ ଦେବାର ଯାବତୀୟ ନ୍ୟାଯ୍ୟ ସୁବିଧା ପାଇପାରିବେ ଏବଂ ଆହୁରି ପ୍ରକାଶ ଥାଉ କି ଏକ ରେଜିଷ୍ଟ୍ରେସନ ଅଞ୍ଚଳରେ ଥିବା ବିଭିନ୍ନ ନିର୍ବାଚନ ମଣ୍ଡଳପାଇଁ ବିଭିନ୍ନ ପୋଲିଙ୍ଗ ଅଞ୍ଚଳ ଧାର୍ଯ୍ୟ କରାଯିବ।

୬। (କ) ଅନୁସନ୍ଧାନ କରାଇବା ଏବଂ ପ୍ରତି ନିର୍ବାଚନ ମଣ୍ଡଳର ଭୋଟର ତାଲିକାଭୁକ୍ତ ହେବାପାଇଁ ରେଜିଷ୍ଟ୍ରେସନ ଅଞ୍ଚଳରେ ଯେଉଁ ବ୍ୟକ୍ତିମାନେ ହକ୍‌ଦାର ସେମାନଙ୍କ ତାଲିକା ପ୍ରସ୍ତୁତ କରିବା ବା କରାଇବା ରେଜିଷ୍ଟ୍ରେସନ ଅଫିସରଙ୍କ କର୍ତ୍ତବ୍ୟ ହେବ। ତାଲିକା ନିମନ୍ତେ ଧାର୍ଯ୍ୟ ହୋଇଥିବା ଫାରମରେ ତାଲିକା ଲେଖାଯିବ ଏବଂ ତହିଁରେ ଧାର୍ଯ୍ୟ ହୋଇଥିବା ଟିକସ ରହିଥିବା ଘରର ବାର୍ଷିକ ଦାମ୍ ଅଥବା ଅଧିକାରରେ ଥିବା ଜମିର ଖଜଣା ଉଲ୍ଲିଖିତ ରହିବ। ସ୍ତ୍ରୀ ଲୋକ ଭୋଟରମାନଙ୍କ ନାଁ ଇଟାଲିକ୍ ବା ବାଙ୍କ ଅକ୍ଷରରେ ଛପା ହେବ ଅଥବା ସ୍ତ୍ରୀ ବୋଲି ସ୍ୱତନ୍ତ୍ର ଭାବରେ ଚିହ୍ନିତ ହେବ।

(ଖ) ଏ ସବୁ ତାଲିକାରୁ ପ୍ରାଥମିକ ତାଲିକା ପ୍ରସ୍ତୁତ ହୋଇ ପ୍ରାଦେଶିକ ସରକାରଙ୍କ ଧାର୍ଯ୍ୟ ତାରିଖରେ ରେଜିଷ୍ଟ୍ରେସନ ଅଫିସରେ ମିଳିଯିବ। ପ୍ରାଥମିକ ତାଲିକାରେ କୌଣସି ନାମ ନ ଥିଲେ ରେଜିଷ୍ଟ୍ରେସନ ଅଫିସର ଗୋଟିଏ ନାସ୍ତି ତାଲିକା ପ୍ରକାଶ କରିବେ।

(ଗ) ପ୍ରାଥମିକ ତାଲିକା ସହିତ ରେଜିଷ୍ଟ୍ରେସନ ଅଫିସର ୨ ନମ୍ବର ଫାରମରେ ଗୋଟିଏ ନୋଟିସ ବାହାର କରି ପ୍ରାଥମିକ ତାଲିକା କେଉଁ ସ୍ଥାନରେ ଓ କେଉଁ ସମୟ ମଧ୍ୟରେ ଏ ସଂକ୍ରାନ୍ତରେ ଦାବୀ ଓ ଆପତ୍ତି ଦାଖଲ କରିବାକୁ ହେବ ତାହା ପ୍ରକାଶ କରିବେ। କେଉଁ ତାରିଖରେ ଓ କେଉଁ ସ୍ଥାନରେ ତାଲିକା ସଂଶୋଧନକାରୀ ହାକିମ୍ ଏ ସବୁ ଦରଖାସ୍ତର ଫଇସଲା କରିବେ ତାହାମଧ୍ୟ ଉଲ୍ଲେଖ ରହିବ। ପ୍ରାଦେଶିକ ସରକାର ସଂଶୋଧନକାରୀ ହାକିମଙ୍କ କାର୍ଯ୍ୟ ନିମନ୍ତେ ଯେଉଁ ତାରିଖ ଧାର୍ଯ୍ୟ କରିଥିବେ ଉପରୋକ୍ତ ତାରିଖ ତାକୁ ଟପି ପାରିବ ନାହିଁ।

୭। (କ) ଏହା ପ୍ରକାଶିତ ହେବା ପରେ ଯଥାଶୀଘ୍ର ୬ ନିୟମର ଗ ଉପନିୟମରେ ଉଲ୍ଲିଖିତ ନୋଟିସ ସହିତ ଭୋଟର ତାଲିକା ଜିଲ୍ଲା ଗେଜେଟରୁ ଅତିରିକ୍ତ ଅଂଶରୂପେ ପ୍ରକାଶିତ ହେବ।

(ଖ) ପ୍ରତି ରେଜିଷ୍ଟ୍ରେସନ ଅଞ୍ଚଳ ସଂକ୍ରାନ୍ତ ପ୍ରାଥମିକ ଭୋଟର ତାଲିକା ମ୍ୟୁନିସିପାଲିଟି ଅଞ୍ଚଳ ଲୋକଙ୍କ କିଣିବା ପାଇଁ ଓ ଦେଖିବା ପାଇଁ ମ୍ୟୁନିସିପାଲିଟି ଅଫିସରେ ମିଳିବ। ଅନ୍ୟାନ୍ୟ ଅଞ୍ଚଳର ଲୋକମାନଙ୍କ ପାଇଁ ଏହା ରେଭିନ୍ୟୁ ଡିଭିଜନାଲ ଅଫିସର, ତହସିଲଦାର ଓ ଡେପୁଟି ତହସିଲଦାରଙ୍କ ଅଫିସରେ ମିଳିବ। ମଫସଲ ଅଞ୍ଚଳରେ ପ୍ରତି ଗାଁ ସଂକ୍ରାନ୍ତ ଭୋଟର ତାଲିକା ୨ ନମ୍ବର ଫାରମରେ ଲିଖିତ ନୋଟିସ ସହିତ ଗାଁ ଚୌହଦରେ ବା ଅନ୍ୟ କୌଣସି ପ୍ରକାଶ୍ୟ ଜାଗାରେ ମରା ଯାଇଥିବ।

* ୧୯୩୬ ମସିହାର ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ପ୍ରୋଭିନ୍‌ସିଆଲ ଲେଜିସଲେଟିଭ ଆସେମ୍ବ୍ଲି ଅର୍ଡର, ୨ୟ ଭାଗ—୧୮ରୁ ୨୧ ଅନୁଚ୍ଛେଦ

† ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ଲେଜିସଲେଟିଭ ଡିପାର୍ଟମେଣ୍ଟ ନୋଟିଫିକେସନ ନଂ: ଏଫ ୨୭/୧/୩୮ (୮-୨-୩୮)

୮ । (୧) ପ୍ରାଥମିକ ଭୋଟର ତାଲିକା ପ୍ରକାଶ କରିବାର ପ୍ରାଦେଶିକ ସରକାରଙ୍କ ଧାର୍ଯ୍ୟ ସମୟ ଯଦି ଗତ ନ ହୋଇଥାଏ ତାହେଲେ ତହିଁ ମଧ୍ୟରେ ଅଥବା

(୨) ଉକ୍ତ ସମୟ ଯଦି ଗତ ହୋଇଯାଇଥାଏ ତାହେଲେ ପ୍ରାଦେଶିକ ସରକାର ପରେ ଯେଉଁ ସମୟ ଧାର୍ଯ୍ୟ କରିବେ ସେ ସମୟ ମଧ୍ୟରେ ରେଜିଷ୍ଟ୍ରେସନ ଅଫିସର ପୂର୍ବପ୍ରକାଶିତ ପ୍ରାଥମିକ ଭୋଟର ତାଲିକାକୁ, ତହିଁର କୌଣସି ଅଂଶକୁ କିମ୍ବା ତାଲିକାର ପରିଶିଷ୍ଟ ବା ସଂଶୋଧନମାନଙ୍କୁ ରଦ୍ଦ କରି ଉପରୋକ୍ତ ନିୟମାବଳୀରେ ନିର୍ଦ୍ଧାରିତ ରୀତି ଅନୁଯାୟୀ ଗୋଟିଏ ସଂଶୋଧିତ ପ୍ରାଥମିକ ଭୋଟର ତାଲିକା ପ୍ରକାଶ କରିବେ ।

### ଦାବି ଓ ଆପତ୍ତି

୯ । (କ) ଯେଉଁ ଲୋକର ଭୋଟର ହେବାର ଦାବି ଅଛି ଏବଂ ଯେ ଭୋଟର ତାଲିକାଭୁକ୍ତ ହୋଇ ନାହିଁ ଅଥବା ଭୁଲ ଜାଗାରେ ବା ଭୁଲ ରୀତିରେ ବା ଭୁଲ ବିବରଣ ସହିତ ଯାହାର ନାମ ପ୍ରାଥମିକ ଭୋଟର ତାଲିକାରେ ପ୍ରକାଶିତ ହୋଇଅଛି ସେ ଏବଂ ଯେଉଁ ଲୋକର ନାଁ ଭୋଟର ତାଲିକାରେ ଚଢ଼ି ଅଛି ସେ ତା ନାମ ଚଢ଼ିବା ବିଷୟରେ ବା ଅନ୍ୟ କୌଣସି ବ୍ୟକ୍ତିର ନାମ ଭୋଟର ତାଲିକାରେ ଚଢ଼ିବା ବିଷୟରେ ଆପତ୍ତି କରୁଥିଲେ ସଂଶୋଧକ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ବା ଆପତ୍ତି ଉତ୍ଥାପିତ କରିପାରିବେ । ଉକ୍ତ ଦାବି ଓ ଆପତ୍ତି ୩ ବା ୪ ନମ୍ବର ଫାରମରେ ଲିଖିତ ହୋଇ ପ୍ରାଦେଶିକ ସରକାରଙ୍କ ଦ୍ଵାରା ଧାର୍ଯ୍ୟ ହୋଇଥିବା ଦିନ ବା ତା ପୂର୍ବରୁ ରେଜିଷ୍ଟ୍ରେସନ ଅଫିସରଙ୍କ ନିକଟରେ ପହଞ୍ଚିବା ଦରକାର ।

(ଖ) ଦାବି ଓ ଆପତ୍ତି ନିଜେ ଯାଇଁ ଦାଖଲ କରିବାକୁ ହେବ ଅଥବା ଡାକରେ ପଠାଇବାକୁ ହେବ ।

(ଗ) ପ୍ରାଦେଶିକ ସରକାରଙ୍କ ଧାର୍ଯ୍ୟ ତାରିଖ ପରେ ମିଳିଥିବା ଦାବି ଓ ଆପତ୍ତି ଗୃହୀତ ହେବ ନାହିଁ ।

୧୦ । ରେଜିଷ୍ଟ୍ରେସନ ଅଫିସର ଯେଉଁ ଲୋକମାନେ ମୃତ ହୋଇଗଲେଣି ବୋଲି ବିଶ୍ଵାସ କରିବେ ସେମାନଙ୍କ ନାଁ ନିଜ ଇଚ୍ଛାରେ ସେ ଭୋଟର ତାଲିକାରୁ ଉଠାଇ ଦେଇ ପାରିବେ । ଭୋଟର ତାଲିକାରେ ଲେଖାଗତ ବା ଆକସ୍ମିକ ଭୁଲଭଟକା ଥିଲେ ତାହା ସେ ସଂଶୋଧନ କରି ପାରିବେ । ଅନ୍ୟ କୌଣସି ପ୍ରକାର ସଂଶୋଧନ କରିପାରିବେ ନାହିଁ ।

୧୧ । (କ) ସ୍ଥାନୀୟ ସରକାରଙ୍କ ଦ୍ଵାରା ଧାର୍ଯ୍ୟ ହୋଇଥିବା ତାରିଖରୁ ନ ଡେରି ରେଜିଷ୍ଟ୍ରେସନ ଅଫିସର ୫ ନମ୍ବର ଫାରମରେ ସେ ଯଥା ସମୟରେ ପାଇଥିବା ଦାବି ଓ ଆପତ୍ତିକୁ ଏବଂ ନିଜ ଇଚ୍ଛାରେ ସେ କରିଥିବା ସଂଶୋଧନ ଆଦିକୁ ଲେଖି ନିଜ ଅଫିସରେ ଏବଂ ସମ୍ପୃକ୍ତ ତହସିଲଦାର ଓ ଡେପୁଟି ତହସିଲଦାରମାନଙ୍କ ଅଫିସରେ ମାରିଦେବେ ଏବଂ

(ଖ) ଯେଉଁ ଲୋକ ଭୋଟର ହେବା ସମ୍ପର୍କରେ ଆପତ୍ତି ହୋଇଥିବ ତାକୁ ଆପତ୍ତିର ନକଲମାନ ଯୋଗାଇବେ ଏବଂ ଯେଉଁଠାରେ ସମ୍ଭବ ହେବ ସେଠାରେ ସେ ନିଜ ଇଚ୍ଛାରେ କରିଥିବା ସଂଶୋଧନମାନ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜଣାଇବେ ।

(କ) ଦଫାରେ ଉଲ୍ଲିଖିତ ତାଲିକା ଏବଂ (ଖ) ଦଫାରେ ଉଲ୍ଲିଖିତ ସମ୍ବାଦ ସହିତ ରେଜିଷ୍ଟ୍ରେସନ ଅଫିସର ଜଣାଇଦେବେ ଯେ ଅମୁକ ସ୍ଥାନ ଓ ଅମୁକ ତାରିଖରେ ଦାବି ଓ ଆପତ୍ତି ଓ ସଂଶୋଧନମାନ ସଂଶୋଧକ କର୍ତ୍ତୃପକ୍ଷ ବିଚାର କରିବେ ।

### ସଂଶୋଧକ କର୍ତ୍ତୃପକ୍ଷ

୧୨ । ପ୍ରତି ରେଜିଷ୍ଟ୍ରେସନ ଅଞ୍ଚଳ ନିମନ୍ତେ ରେଜିଷ୍ଟ୍ରେସନ ଅଫିସରଙ୍କୁ ସଭାପତି କରି ଓ ତାଙ୍କ ସଙ୍ଗରେ ଦୁଇ ଜଣ ବେସରକାରୀ ଭଦ୍ର ବ୍ୟକ୍ତିଙ୍କୁ ନେଇ ସଂଶୋଧକ କର୍ତ୍ତୃପକ୍ଷ ଗଢ଼ାଯିବ । ମାନ୍ଦ୍ରାଜ ସହରରେ ଉକ୍ତ ଭଦ୍ର ବ୍ୟକ୍ତି ଦୁହିଁଙ୍କୁ ମେୟର ମନୋନୀତ କରିବେ ଏବଂ ମଫସଲରେ ଉକ୍ତ ଭଦ୍ର ବ୍ୟକ୍ତି ଦୁହିଁଙ୍କୁ ଜିଲ୍ଲା କଲେକ୍ଟର ମନୋନୀତ କରିବେ ।

୧୩ । ସମସ୍ତ ଦାବି ଓ ଆପତ୍ତି ଫଇସଲ ହେବା ପର୍ଯ୍ୟନ୍ତ ଧାର୍ଯ୍ୟ ଦିନଠାରୁ ପ୍ରତି ଦିନ ସଂଶୋଧକ କର୍ତ୍ତୃପକ୍ଷ ପ୍ରକାଶ୍ୟ ଅଫିସରେ ବସି ବିଚାର କରିବେ । ପ୍ରତି ଦାବି ଓ ଆପତ୍ତି ବିଷୟରେ ଯେପରି ଅନୁସନ୍ଧାନ ହେବା ଉଚିତ ସେମାନେ ମନେ କରିବେ ସେପରି ଅନୁସନ୍ଧାନ ସେମାନେ କରାଇ ପାରିବେ । କୌଣସି ଦାବି ନାମଞ୍ଜୁର ହେଲେ ବା କୌଣସି ଆପତ୍ତି ବିଷୟରେ ବାଦାନୁବାଦ ହେଲେ ସେ ସମ୍ବନ୍ଧରେ ସେମାନେ କାରଣ ସହିତ ଲିଖିତ ଅର୍ଡର ପାଶ କରିବେ । ରେଜିଷ୍ଟ୍ରେସନ ଅଫିସରମାନେ ନିଜ ଇଚ୍ଛାରେ ଯେଉଁସବୁ ସଂଶୋଧନ କରିଥିବେ ସେ ସମ୍ବନ୍ଧରେ ସେମାନେ ଚୂଡ଼ାନ୍ତ ଅର୍ଡର ପାଶ କରିବେ । ସଂଶୋଧକ କର୍ତ୍ତୃପକ୍ଷଙ୍କ ମଧ୍ୟରୁ କୌଣସି ମେମ୍ବର ଯୋଗ ଦେବାକୁ ଅକ୍ଷମ ହେଲେ ମେୟର ବା କଲେକ୍ଟର ସଙ୍ଗେ ସଙ୍ଗେ ତାଙ୍କ ସ୍ଥାନରେ ଆଉ ଜଣେ ବ୍ୟକ୍ତିଙ୍କୁ ମନୋନୀତ କରିବେ । ମେମ୍ବରମାନଙ୍କ ଭିତରେ ମତଭେଦ ହେଲେ ବହୁ ସଂଖ୍ୟକ ମେମ୍ବରଙ୍କ ମତ ବଳବତ୍ ହେବ ।

### ଚୂଡ଼ାନ୍ତ ଭୋଟର ତାଲିକାର ପ୍ରକାଶ

୧୪ । ସଂଶୋଧକ କର୍ତ୍ତୃପକ୍ଷଙ୍କ ଆଦେଶ ଅନୁଯାୟୀ ରେଜିଷ୍ଟ୍ରେସନ ଅଫିସର ଭୋଟର ତାଲିକା ସଂଶୋଧନ କରିବେ ଏବଂ ପ୍ରାଦେଶିକ ସରକାରଙ୍କ ଦ୍ଵାରା ଧାର୍ଯ୍ୟ ହୋଇଥିବା ତାରିଖରୁ ନ ଡେରି ଚୂଡ଼ାନ୍ତ ଭୋଟର ତାଲିକାକୁ ପ୍ରକାଶ କରି ରେଜିଷ୍ଟ୍ରେସନ ଅଫିସରେ ମାରିଦେବେ । ପ୍ରାଥମିକ ଭୋଟର ତାଲିକା ସହିତ ପରିଶିଷ୍ଟ ଓ ସଂଶୋଧନମାନଙ୍କୁ ସମ୍ମିଳିତ କରି ପ୍ରକାଶ କରିବା ଯଦି ଅଧିକ ସୁବିଧାଜନକ ହୁଏ ତା ହେଲେ ତାକୁହିଁ ଚୂଡ଼ାନ୍ତ ଭୋଟର ତାଲିକାରୂପେ ପ୍ରକାଶ କରାଯାଇ ପାରିବ । ଏହା ପ୍ରକାଶ ହୋଇ ସାରିଲା ପରେ ଯଥାଶୀଘ୍ର ପରିଶିଷ୍ଟ ବା ଯୋଗ ହୋଇଥିବା ନାଁ ଓ ସଂଶୋଧନ ସବୁକୁ ଅଥବା ଯଦି ସୁବିଧା ହୁଏ ତା ହେଲେ ସମଗ୍ର ସଂଶୋଧିତ ତାଲିକାକୁ ଜିଲ୍ଲା ଗେଜେଟର ଅତିରିକ୍ତରୂପେ ପ୍ରକାଶ କରାଯିବ । ତାଲିକାର ଅଂଶମାନଙ୍କ ନକଲ ବା ପ୍ରତି ରେଜିଷ୍ଟ୍ରେସନ ଅଞ୍ଚଳ ସଂକ୍ରାନ୍ତ ତାଲିକା ୭ ନିୟମରେ ବର୍ଣ୍ଣିତ ରୀତି ଅନୁଯାୟୀ ଗାଁମାନଙ୍କରେ ମାରି ଦିଆଯିବ ।

୧୫ । ରେଜିଷ୍ଟ୍ରେସନ ଅଞ୍ଚଳର ଭୋଟର ତାଲିକା ବା ଭୋଟର ତାଲିକାର ଅଂଶର ଦୁଇ ଦୁଇଟି ନକଲରେ ରେଜିଷ୍ଟ୍ରେସନ ଅଫିସର ଦସ୍ତଖତ କରିବେ । ଏଥିରୁ ଗୋଟିଏ ଲେଖାଁଏ ତାଙ୍କ ନିଜ ଅଫିସରେ ରହିବ ଏବଂ ଅନ୍ୟଟି ନିର୍ବାଚନମଣ୍ଡଳର ରିଟର୍ଣ୍ଣିଂ ଅଫିସରଙ୍କ ପାଖକୁ ପଠାହେବ ।

୧୬ । ରିଟର୍ଣ୍ଣିଂ ଅଫିସର ପ୍ରତି ଭୋଟର ତାଲିକାର ବିଭିନ୍ନ ଅଂଶକୁ ଏକାଠି କରିବେ ଏବଂ ପ୍ରତି ନିର୍ବାଚନ ମଣ୍ଡଳ ନିମନ୍ତେ ଏ ଉପାୟରେ ପ୍ରସ୍ତୁତ ଭୋଟର ତାଲିକା ପ୍ରସ୍ତୁତ କରିବେ ।

### ସାଧାରଣ

୧୭ । ଚୂଡ଼ାନ୍ତ ଭୋଟର ତାଲିକାର ନକଲମାନ (ଅଥବା ପରିଶିଷ୍ଟ ଓ ସଂଶୋଧନ ସମ୍ମିଳିତ ପ୍ରାଥମିକ ଭୋଟର ତାଲିକାର ନକଲମାନ) ରେଜିଷ୍ଟ୍ରେସନ ଅଫିସରଙ୍କ ଅଫିସରେ ବିକ୍ରି ହେବ ଓ ଲୋକେ ଦେଖିବାକୁ ପାଇବେ । ବିଭିନ୍ନ ରେଜିଷ୍ଟ୍ରେସନ ଅଞ୍ଚଳ ନିମନ୍ତେ ତିଆର ହୋଇଥିବା, ପ୍ରସ୍ତୁତ ଚୂଡ଼ାନ୍ତ ଭୋଟର ତାଲିକା (ବା ପରିଶିଷ୍ଟ ଓ ସଂଶୋଧନ ସମ୍ମିଳିତ ପ୍ରାଥମିକ ଭୋଟର ତାଲିକା) ଲୋକଙ୍କ ଦେଖିବା ନିମନ୍ତେ, ବିକ୍ରୀ ହେବା ନିମନ୍ତେ ଏବଂ ଭୋଟଦେବା ସ୍ଥାନର ପ୍ରିଜାଇଡ଼ିଂ ଅଫିସରମାନଙ୍କୁ ଯୋଗାଇବା ନିମନ୍ତେ ରିଟର୍ଣ୍ଣିଂ ଅଫିସରଙ୍କ ଅଫିସରେ ଗଚ୍ଛିତ ହୋଇ ରହିବ ।

୧୮ । କୌଣସି ବ୍ୟକ୍ତି ଦାବି ଓ ଆପତ୍ତି କରିବା ନିମନ୍ତେ ଫାରମ ପାଇଁ ଦରଖାସ୍ତ କଲେ ରେଜିଷ୍ଟ୍ରେସନ ଅଫିସର ତାହା ମାଗଣା ଯୋଗାଇ ଦେବ ।

୧୯ । ଏ ନିୟମାବଳୀ ଅନୁଯାୟୀ ରେଜିଷ୍ଟ୍ରେସନ ଅଫିସର ଯଦି କୌଣସି ବ୍ୟକ୍ତି ପାଖକୁ ନୋଟିସ ଦେବାକୁ ଚାହାଁନ୍ତି ତାହେଲେ ଉକ୍ତ ବ୍ୟକ୍ତି ଯୋଗାଇଥିବା ଠିକଣାକୁ ଅଥବା ଭୋଟର ତାଲିକାରୁ ବାହାରୁ ଥିବା ଠିକଣାକୁ ସେ ଉକ୍ତ ନୋଟିସ ପଠାଇବେ । ଯଦି ଏ ସବୁ ଠିକଣା ନ ମିଳେ ତାହେଲେ ଯେଉଁଠି ଉକ୍ତ ବ୍ୟକ୍ତି ହେବାରେ ଥିବାର ଜଣାଥିବ ସେଠାକୁ ନୋଟିସ ପଠାଇବେ ।

୨୦ । ସଂଶୋଧକ କର୍ତ୍ତୃପକ୍ଷ କୌଣସି ଦାବ ବା ଆପତ୍ତିର ବା ଅନ୍ୟ କୌଣସି ବିଷୟର ବିଚାର କରୁଥିବା ବେଳେ କୌଣସି ବ୍ୟକ୍ତି ଯଦି ଉକ୍ତ ବିଷୟରେ ସଂପୃକ୍ତ ଥାଏ ତାହେଲେ ସେ ନିଜେ ଉପସ୍ଥିତ ହୋଇ ନିଜକଥା ଜଣାଇବ ବା ଯଥାବିଧି କ୍ଷମତାପନ୍ନ ଏଜେଣ୍ଟ ଦ୍ୱାରା ଜଣାଇବ ।

୨୧ । ଏ ନିୟମାବଳୀର ଏ ଦଫା ଅନୁସାରେ ପ୍ରାଦେଶିକ ସରକାର ଯେଉଁ ତାରିଖ ଧାର୍ଯ୍ୟ କରିଥିବେ ତାକୁ ଥରକୁଥର ସ୍ଥଗିତ କରିବାକୁ ତାଙ୍କର ଅଧିକାର ରହିବ ।

## ୧ ନମ୍ବର ଫାରମ

—ନିର୍ବାଚନ ମଣ୍ଡଳ ନିମନ୍ତେ ଭୋଟର ତାଲିକା

ଜିଲ୍ଲା    ରେଜିଷ୍ଟ୍ରେସନ ଅଞ୍ଚଳ

ବର୍ଷର    ପୋଲିଙ୍ଗ ଅଞ୍ଚଳ ନମ୍ବର    ପୋଲିଙ୍ଗ ଷ୍ଟେସନ *

(୧) କ୍ରମିକ ନମ୍ବର

(୨) ନାଁ

(୩) ପିତା, କର୍ତ୍ତାବାନ ବା ସ୍ୱାମୀଙ୍କ ନାଁ

(୪) ଠିକଣା (ଗାଁ, ରାସ୍ତା ଓ ଦୁଆର ନମ୍ବର)

(୫) ଯୋଗ୍ୟତା

*ଏଠାରେ ଉଲ୍ଲିଖିତ ପୋଲିଙ୍ଗ ଷ୍ଟେସନ ଅସ୍ଥାୟୀ ଭାବରେ ଧାର୍ଯ୍ୟ କରାଯାଇଛି । ରିଟର୍ଣ୍ଣିଂ ଅଫିସର ଇଚ୍ଛାକଲେ ଏହାକୁ ବଦଳାଇ ଦେଇପାରନ୍ତି ।

## ୨ ନମ୍ବର ଫାରମ

ନିର୍ବାଚନ ମଣ୍ଡଳର ନାଁ——

ଅମୁକ ରେଜିଷ୍ଟ୍ରେସନ ଅଞ୍ଚଳ ନିମନ୍ତେ ପ୍ରାଥମିକ ଭୋଟର ତାଲିକା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏଥି ସହିତ ପ୍ରକାଶ କରାଗଲା ।

ଏ ତାଲିକାରେ ନାମଭୁକ୍ତ ହେବାକୁ ଯେଉଁ ବ୍ୟକ୍ତି ଦାବ କରୁଥିବେ ଏବଂ ଏ ତାଲିକାରେ ଯେଉଁ ବ୍ୟକ୍ତିଙ୍କ ନାମ ଭୁକ୍ତ ହୋଇ ନ ଥିବ ବା ଭୁଲ ସ୍ଥାନରେ ବା ଭୁଲ ପ୍ରକାରରେ ବା ଭୁଲ ବିବରଣ ସହିତ ଭୁକ୍ତ ହୋଇଥିବ ସେ ତାଙ୍କ ନାମ ଭୁକ୍ତ ହେବାକୁ ବା ନାମ ତାଲିକା କାଗଜ ସଂଶୋଧିତ ହେବାକୁ ରେଜିଷ୍ଟ୍ରେସନ ଅଫିସରଙ୍କ ପାଖରେ ଦାବ ଉପସ୍ଥାପିତ କରିପାରିବେ ।

ଯେଉଁ ବ୍ୟକ୍ତିଙ୍କ ନାମ ଏ ତାଲିକାଭୁକ୍ତ ହୋଇଥିବ ଏବଂ ଯେ ନିଜ ନାମର ଅନ୍ତର୍ଭୁକ୍ତି ବିଷୟରେ ଆପତ୍ତି କରୁଥିବେ ଅଥବା ନିଜ ନାମ ଭୁକ୍ତ ହେବା ବିଷୟରେ ବା ଅନ୍ୟକୌଣସି ବ୍ୟକ୍ତିଙ୍କ ନାମ ଭୁକ୍ତ ହେବା ବିଷୟରେ ଆପତ୍ତି କରୁଥିବେ ସେ ସଂଶୋଧକ କର୍ତ୍ତୃପକ୍ଷଙ୍କ ନିକଟରେ ଆପତ୍ତି ଦରଖାସ୍ତ ଦାଖଲ କରିପାରିବେ ।

ନୋଟିସ ସହିତ ସଂଲଗ୍ନ ଥିବା ୩ ନମ୍ବର ଫାରମରେ ଦାବ ଓ ୪ ନମ୍ବର ଫାରମରେ ଆପତ୍ତି ଦାଖଲ କରିବାକୁ ହେବ । ରେଜିଷ୍ଟ୍ରେସନ ଅଫିସରଙ୍କ ପାଖକୁ ଦରଖାସ୍ତ କଲେ ଫାରମ ମାଗଣାରେ ଯୋଗାଇ ଦିଆଯିବ ।

ଅଫିସ ହେଉଥିବା ବେଳେ ଯେ କୌଣସି ସମୟରେ ଦାବ ଓ ଆପତ୍ତି ଦରଖାସ୍ତ ରେଜିଷ୍ଟ୍ରେସନ ଅଫିସରଙ୍କ ନିକଟରେ ଦାଖଲ କରାଯାଇ-ପାରିବ । ଅଥବା ଡାକରେ ତାଙ୍କ ନିକଟକୁ ପଠାଯାଇପାରିବ କିନ୍ତୁ ତାହା ଧାର୍ଯ୍ୟ ହୋଇଥିବା ତାରିଖରେ ବା ତା ପୂର୍ବରୁ ରେଜିଷ୍ଟ୍ରେସନ ଅଫିସରଙ୍କ ପାଖରେ ପହଞ୍ଚିବା ଦରକାର । ଯେଉଁ ସବୁ ଦାବ ଓ ଆପତ୍ତି ଧାର୍ଯ୍ୟ ଫାରମରେ ଲେଖାହୋଇ ନ ଥିବ ବା ଧାର୍ଯ୍ୟ ତାରିଖରେ ପହଞ୍ଚି ନ ଥିବ ତାହା ଅଗ୍ରାହ୍ୟ କରାଯିବ ।

ଯେଉଁ ସବୁ ଦାବ ଓ ଆପତ୍ତି ଧାର୍ଯ୍ୟ ଫାରମରେ ଲେଖାହୋଇ ଧାର୍ଯ୍ୟ ସମୟରେ ହସ୍ତଗତ ହୋଇଥିବ ସଂଶୋଧକ କର୍ତ୍ତୃପକ୍ଷ ଅମୁକ ସ୍ଥାନ ବା ଅମୁକ ତାରିଖରେ ତାହାର ଶୁଣାଣି କରିବେ ।

ତାରିଖ——    ରେଜିଷ୍ଟ୍ରେସନ ଅଫିସର

## ୩ ନମ୍ବର ଫାରମ

ତାଲିକାର ସଂଶୋଧନ ପାଇଁ / ତାଲିକାଭୁକ୍ତ ହେବାପାଇଁ — ଦାବର ନୋଟିସ

——ରେଜିଷ୍ଟ୍ରେସନ ଅଞ୍ଚଳର ସଂଶୋଧକ କର୍ତ୍ତୃପକ୍ଷ ମହୋଦୟ

ମହାଶୟ,

——ନିର୍ବାଚନ ମଣ୍ଡଳର ଭୋଟର ତାଲିକାରେ ମୋ ନାଁ ଯେପରି ଚଢ଼ିଛି ତା'ର ସଂଶୋଧନ ପାଇଁ (ବା ତହିଁରେ ମୋ ନାଁ ଚଢ଼ିବା ପାଇଁ) ମୁଁ ନିମ୍ନଲିଖିତ ମତେ ମୋ ଦାବ ଉପସ୍ଥାପିତ କରୁଛି :—

| ଦାବକାରୀର ପୁରାନାମ<br>ପିତା, କର୍ତ୍ତାବାନ ବା ସ୍ୱାମୀର ନାମ | ଠିକଣା<br>(ଗାଁ ବା ରାସ୍ତା ଓ ଦୁଆର ନମ୍ବର) | ଯୋଗ୍ୟତା<br>କେତେ ଟ୍ୟାକ୍ସ ଧାର୍ଯ୍ୟ ହୋଇଛି<br>ବାସ ଗୃହର ବାର୍ଷିକ ମୂଲ୍ୟ ବା ଅଧିକାରରେ ଥିବା ଜମିର ବାର୍ଷିକ ଖଜଣାର ମୂଲ୍ୟ |
|---|---|---|
| (୧) | (୨) | (୩) |

ମୁଁ ସ୍ୱୀକାର କରୁଛି ଯେ ମୁଁ ବ୍ରିଟିଶ ପ୍ରଜା ଓ ଅମୁକ ତାରିଖରେ ମୋତେ ୨୧ ବର୍ଷ ହୋଇଅଛି ଏବଂ ନିର୍ବାଚନ ମଣ୍ଡଳରେ ଯେତେ କାଳ ବାସ କଲେ ଭୋଟର ହେବାର ଯୋଗ୍ୟତା ହୁଏ ମୁଁ ତହିଁରେ ତେତେକାଳ ବାସ କରିଅଛି ।

ତାରିଖ————    ଦାବଦାରର ଦସ୍ତଖତ

## ୪ ନମ୍ବର ଫାରମ

ତାଲିକାଭୁକ୍ତ ହେବା ସମ୍ବନ୍ଧରେ ଆପତ୍ତି ନୋଟିସ

——ରେଜିଷ୍ଟ୍ରେସନ ଅଞ୍ଚଳର ସଂଶୋଧକ କର୍ତ୍ତୃପକ୍ଷ ମହୋଦୟ

ମହାଶୟ,

—ନିର୍ବାଚନ ମଣ୍ଡଳର——ରେଜିଷ୍ଟ୍ରେସନ ଅଞ୍ଚଳର——ପୋଲିଙ୍ଗ ଅଞ୍ଚଳ ନିମନ୍ତେ ହୋଇଥିବା ଭୋଟର ତାଲିକାରେ ନିମ୍ନରେ ଉଲ୍ଲିଖିତ ଉଲ୍ଲିଖିତ ବ୍ୟକ୍ତିର ନାମ ଚଢ଼ିବା ସମ୍ପର୍କରେ ମୋର ଆପତ୍ତି ଅଛି ଏବଂ ଏତଦ୍ଦ୍ୱାରା ଆପଣଙ୍କୁ ମୁଁ ଉକ୍ତ ଆପତ୍ତିର ନୋଟିସ ଦେଉଅଛି :—

| ଯେଉଁ ଲୋକ ନାମରେ ଆପତ୍ତି ହୋଇଅଛି | ପ୍ରାଥମିକ ଭୋଟର ତାଲିକାରେ ତାହାର ନମ୍ବର | ଆପତ୍ତିର ଧାରଣ |
|---|---|---|
| (୧) | (୨) | (୩) |

ତାରିଖ—

ଠିକଣା—

ପ୍ରାଥମିକ ଭୋଟର ତାଲିକାରେ ଥିବା ପୋଲିଙ୍ଗ ଅଞ୍ଚଳ ଓ ନମ୍ବର—    ଆପତ୍ତିକାରୀଙ୍କ ଦସ୍ତଖତ

## ୬ ନମ୍ବର ଫାରମ

ଦାବ ଓ ଆପତ୍ତିମାନଙ୍କ ତାଲିକା

(କ) ——ନିର୍ବାଚନ ମଣ୍ଡଳରେ ଭୋଟର ତାଲିକା ଭୁକ୍ତ ହେବାପାଇଁ (ବା ଭୋଟର ତାଲିକାରେ ଥିବା ସେମାନଙ୍କ ନାମର ସଂଶୋଧନ ପାଇଁ) ନିମ୍ନଲିଖିତ ବ୍ୟକ୍ତିମାନେ ସେମାନଙ୍କ ଦାବ ଉପସ୍ଥାପିତ କରିଅଛନ୍ତି :—

| ପୋଲିଙ୍ଗ ଅଞ୍ଚଳ | ଦାବଦାରଙ୍କ ନା | ଠିକଣା | ଯୋଗ୍ୟତା |
|---|---|---|---|
| (୧) | (୨) | (୩) | (୪) |

(ଖ) ——ନିର୍ବାଚନ ମଣ୍ଡଳର ଭୋଟର ତାଲିକା ସମ୍ବନ୍ଧରେ ନିମ୍ନଲିଖିତ ଆପତ୍ତି ହସ୍ତଗତ ହୋଇଅଛି :—

| ପୋଲିଙ୍ଗ ଅଞ୍ଚଳ | ଆପତ୍ତିକାରୀଙ୍କ ନା ଓ ଭୋଟର ତାଲିକାରେ ତାଙ୍କ ନମ୍ବର | ଯାହାଙ୍କ ନାମରେ ଆପତ୍ତି ହୋଇଅଛି ତାଙ୍କ ନାଁ ଓ ଭୋଟର ତାଲିକାରେ ତାଙ୍କ ନମ୍ବର |
|---|---|---|
| (୧) | (୨) | (୩) |

(ଗ) ——ନିର୍ବାଚନ ମଣ୍ଡଳର ଭୋଟର ତାଲିକାରେ ରେଜିଷ୍ଟ୍ରେସନ ଅଫିସର ନିଜ ଇଚ୍ଛାରେ ନିମ୍ନଲିଖିତ ସଂଶୋଧନ କରିଅଛନ୍ତି :—

| ପୋଲିଙ୍ଗ ଅଞ୍ଚଳ | ଭୋଟର ତାଲିକାରେ ନମ୍ବର | ସଂଶୋଧନର ଧରଣ |
|---|---|---|
| (୧) | (୨) | (୩) |

ଉପରଲିଖିତ ଦାବ ଓ ଆପତ୍ତି——ତାରିଖରେ——ସ୍ଥାନରେ ସଂଶୋଧନ କର୍ତ୍ତୃପକ୍ଷ ଶୁଣାଣି କରିବେ ଏବଂ ସଂଶୋଧନମାନଙ୍କର ବିଚାର କରିବେ ।

ତାରିଖ——

ରେଜିଷ୍ଟ୍ରେସନ ଅଫିସର

## ଦ୍ୱିତୀୟ ଭାଗ

### ଇଉରୋପୀୟାନ୍ ଜମିଦାର ଓ ଭାରତୀୟ ବଣିକ ନିର୍ବାଚନ ମଣ୍ଡଳ

୧ । ଇଉରୋପୀୟାନ୍ ଜମିଦାର ଓ ଭାରତୀୟ ବଣିକ ନିର୍ବାଚନ ମଣ୍ଡଳର ଭୋଟର ତାଲିକା ତିଆର ନିମନ୍ତେ ଏ ନିୟମାବଳୀ ପ୍ରଯୁଜ୍ୟ ହେବ ।

୨ । ପ୍ରତି ନିର୍ବାଚନ ମଣ୍ଡଳ ନିମନ୍ତେ ସ୍ୱତନ୍ତ୍ର ଭୋଟର ତାଲିକା ରହିବ । ପ୍ରତି ନିର୍ବାଚନ ମଣ୍ଡଳର ଭୋଟର ତାଲିକାରେ ନିମ୍ନଲିଖିତ ବିବରଣ ରହିବ ଯଥା :—

ଭୋଟରର ନାମ—

ପିତା, କର୍ତ୍ତାବାନ ବା ସ୍ୱାମୀର ନାମ ଓ ଠିକଣା

୧ ନମ୍ବର ଫାରମରେ ଏହା ଲିଖିତ ହେବ ଏବଂ ନିର୍ବାଚନ ମଣ୍ଡଳରେ ଥିବା ପ୍ରତି ରେଜିଷ୍ଟ୍ରେସନ ଅଞ୍ଚଳ ନିମନ୍ତେ ଏହା ଭିନ ଭିନ ଭାଗରେ ବିଭକ୍ତ ହେବ । ରେଜିଷ୍ଟ୍ରେସନ ଅଞ୍ଚଳର ପ୍ରତି ପୋଲିଙ୍ଗ ଅଞ୍ଚଳ ନିମନ୍ତେ ଏ ଭାଗ ସବୁ ପୁଣି ଉପବିଭାଗରେ ବିଭକ୍ତ ହେବ । ରେଜିଷ୍ଟ୍ରେସନ ଅଞ୍ଚଳର ପୋଲିଙ୍ଗ ଅଞ୍ଚଳମାନଙ୍କର ସ୍ୱତନ୍ତ୍ର ନମ୍ବର ରହିବ । ପୋଲିଙ୍ଗ ଅଞ୍ଚଳର ଭୋଟରମାନଙ୍କ ନାଁ ବର୍ଣ୍ଣମାଳା ଅନୁକ୍ରମେ ସଜ୍ଜିତ ହୋଇ ପର୍ଯ୍ୟାୟକ୍ରମେ ନମ୍ବର କରାଯିବ ।

୩ । ଭୋଟର ତାଲିକା ଇଂରେଜିରେ ପ୍ରସ୍ତୁତ ହେବ ।

୪ । ନିର୍ବାଚନ ମଣ୍ଡଳର ପ୍ରତି ଜିଲ୍ଲା ଗୋଟିଏ ଲେଖାଏଁ ସ୍ୱତନ୍ତ୍ର ରେଜିଷ୍ଟ୍ରେସନ ଅଞ୍ଚଳ ହେବ ଏବଂ ଜିଲ୍ଲା କଲେକ୍ଟର ତହିଁରେ ରେଜିଷ୍ଟ୍ରେସନ ଅଫିସର ହେବେ । ପ୍ରତି ରେଜିଷ୍ଟ୍ରେସନ ଅଞ୍ଚଳ ସାଧାରଣତଃ ଗୋଟିଏ ଲେଖାଏଁ ପୋଲିଙ୍ଗ ଅଞ୍ଚଳ ହେବ । ରେଜିଷ୍ଟ୍ରେସନ ଅଞ୍ଚଳକୁ ଦୁଇ ବା ତତୋଧିକ ପୋଲିଙ୍ଗ ଅଞ୍ଚଳରେ ବିଭକ୍ତ କରିବାକୁ କଲେକ୍ଟରଙ୍କ ଅଧିକାର ରହିବ ।

ପ୍ରକାଶ ଥାଉକି ରେଜିଷ୍ଟ୍ରେସନ ଅଫିସରଙ୍କର ଯେ କୌଣସି କ୍ଷମତା ଓ କର୍ତ୍ତବ୍ୟ ପ୍ରାଦେଶିକ ସରକାରଙ୍କ ଦ୍ୱାରା ଅନୁମୋଦିତ ତାଙ୍କର ଯେ କୌଣସି ପ୍ରତିନିଧି ପ୍ରାପ୍ତ ହୋଇପାରିବେ ଏବଂ ଉକ୍ତ କ୍ଷମତା ଓ କର୍ତ୍ତବ୍ୟ ସଂକ୍ରାନ୍ତ ନିୟମ ସମାନ ଭାବରେ ରେଜିଷ୍ଟ୍ରେସନ ଅଫିସର ଓ ଉକ୍ତ ପ୍ରତିନିଧିଙ୍କ ପ୍ରତି ପ୍ରଯୁଜ୍ୟ ହେବ ।

ଭୋଟର ତାଲିକାଭୁକ୍ତ ହେବା ପାଇଁ ରେଜିଷ୍ଟ୍ରେସନ ଅଞ୍ଚଳରେ ଯେଉଁ

୫ । (କ) ଅନୁସନ୍ଧାନ କରାଇବା ଏବଂ ପ୍ରତି ନିର୍ବାଚନ ମଣ୍ଡଳର ଭୋଟର ତାଲିକାଭୁକ୍ତ ହେବା ପାଇଁ ରେଜିଷ୍ଟ୍ରେସନ ଅଫିସରଙ୍କ କର୍ତ୍ତବ୍ୟ ହେବ । ଭୋଟର ତାଲିକା

ବ୍ୟକ୍ତିମାନେ ହକଦାର ସେମାନଙ୍କ ତାଲିକା ପ୍ରସ୍ତୁତ କରିବା ବା କରାଇବା ରେଜିଷ୍ଟ୍ରେସନ ଅଫିସରଙ୍କ କର୍ତ୍ତବ୍ୟ ହେବ । ଭୋଟର ତାଲିକା ତିଆର ହେବ ଏବଂ ଜମିଦାର ନିର୍ବାଚନ ମଣ୍ଡଳ ସଂକ୍ରାନ୍ତରେ

ନିମନ୍ତେ ଯେଉଁ ଫାରମ ଧାର୍ଯ୍ୟ ହୋଇଅଛି ସେହି ଫାରମରେ ଭୋଟର ତାଲିକା ତିଆର ହେବ ଏବଂ ଜମିଦାର ନିର୍ବାଚନ ମଣ୍ଡଳ ସଂକ୍ରାନ୍ତରେ ଇଉରୋପୀୟାନ୍ ଓ ଭାରତୀୟ ବଣିକ ନିର୍ବାଚନ

ତହିଁରେ ଜମିଦାରଙ୍କ ବାର୍ଷିକ ଆୟର, ମାଲିକାନାର ବା ଧାର୍ଯ୍ୟ ଟିକସର ବିବରଣ ରହିବ । ଇଉରୋପୀୟାନ୍ ଓ ଭାରତୀୟ ବଣିକ ନିର୍ବାଚନ

ମଣ୍ଡଳ ସଂକ୍ରାନ୍ତରେ ଧାର୍ଯ୍ୟ ହୋଇଥିବା ଟିକସର ପରିମାଣ, ବାସଗୃହର ବାର୍ଷିକ ମୂଲ୍ୟ ବା ଅଧିକାରରେ ଥିବା ଜମିର ବାର୍ଷିକ ରାଜସ୍ୱର ମୂଲ୍ୟ

ଉଲ୍ଲିଖିତ ହେବ । ସ୍ତ୍ରୀ ଭୋଟରମାନଙ୍କ ନାଁ ଇଟାଲିକସ୍ ବା ବାଙ୍କ ଅକ୍ଷରରେ ଛପା ହେବ ଅଥବା ସ୍ତ୍ରୀ ବୋଲି ସ୍ୱତନ୍ତ୍ର ଭାବରେ ଚିହ୍ନିତ ହେବ ।

(ଖ) ଏସବୁ ତାଲିକାରୁ ପ୍ରାଥମିକ ତାଲିକା ପ୍ରସ୍ତୁତ ହୋଇ ପ୍ରାଦେଶିକ ସରକାରଙ୍କ ଧାର୍ଯ୍ୟ ତାରିଖରେ ରେଜିଷ୍ଟ୍ରେସନ ଅଫିସରେ ମିଳିବ ।

ପ୍ରାଥମିକ ତାଲିକାରେ କୌଣସି ନାମ ନ ଥିଲେ ରେଜିଷ୍ଟ୍ରେସନ ଅଫିସର ଗୋଟିଏ ନାସ୍ତି ତାଲିକା ପ୍ରସ୍ତୁତ କରିବେ ।

(ଗ) ପ୍ରାଥମିକ ତାଲିକା ସହିତ ରେଜିଷ୍ଟ୍ରେସନ ଅଫିସର ୨ ନମ୍ବର ଫାରମରେ ଗୋଟିଏ ନୋଟିସ ବାହାର କରି ପ୍ରାଥମିକ ତାଲିକା କେଉଁ ତାରିଖରେ ଓ କେଉଁ ସ୍ଥାନରେ

ସମୟ ମଧ୍ୟରେ ଏ ସଂକ୍ରାନ୍ତରେ ଦାବ ଓ ଆପତ୍ତି ଦାଖଲ କରିବାକୁ ହେବ ତାହା ପ୍ରକାଶ କରିବେ । କେଉଁ ତାରିଖରେ ଓ କେଉଁ ସ୍ଥାନରେ ତାଲିକାସଂଶୋଧନକାରୀ ହାକିମ ଏସବୁ ଦରଖାସ୍ତର ଫଏସଲା କରିବେ ତାହା ମଧ୍ୟ ଉଲ୍ଲେଖ ରହିବ । ପ୍ରାଦେଶିକ ସରକାର ସଂଶୋଧନକାରୀ

ହାକିମଙ୍କ କାର୍ଯ୍ୟ ନିମନ୍ତେ ଯେଉଁ ତାରିଖ ଧାର୍ଯ୍ୟ କରିଥିବେ ଉପରୋକ୍ତ ତାରିଖ ତାକୁ ଟପିପାରିବ ନାହିଁ ।

୬ । (କ) ଏହା ପ୍ରକାଶିତ ହେବାପରେ ଯଥାଶୀଘ୍ର ୫ ନିୟମର ଗ ଉପନିୟମରେ ଉଲ୍ଲିଖିତ ନୋଟିସ ସହିତ ଭୋଟର ତାଲିକା

ଜିଲ୍ଲା ଗେଜେଟର ଅତିରିକ୍ତ ଅଂଶରୂପେ ପ୍ରକାଶିତ ହେବ ।

(ଖ) ପ୍ରତି ରେଜିଷ୍ଟ୍ରେସନ ଅଞ୍ଚଳ ସଂକ୍ରାନ୍ତ ପ୍ରାଥମିକ ଭୋଟର ତାଲିକାର ଅଂଶମାନଙ୍କର ନକଲ ରେଜିଷ୍ଟ୍ରେସନ ଅଫିସରଙ୍କ ଅଫିସରେ ଲେଖିବାପାଇଁ ଏବଂ ନକଲ ହେବା ପାଇଁ ରହିବ । ସମସ୍ତ ରେଜିଷ୍ଟ୍ରେସନ ଅଞ୍ଚଳର ସମଗ୍ର ଭୋଟର ତାଲିକା ରିଟର୍ଣ୍ଣିଂ ଅଫିସରଙ୍କ ଅଫିସରେ ଦେଖିବାପାଇଁ ଓ ନକଲ ହେବା ପାଇଁ ରହିବ ।

୭ । (୧) ପ୍ରାଥମିକ ଭୋଟର ତାଲିକା ପ୍ରକାଶ କରିବାର ପ୍ରାଦେଶିକ ସରକାରଙ୍କ ଧାର୍ଯ୍ୟ ସମୟ ଯଦି ଗତ ନ ହୋଇଥାଏ ତାହେଲେ ତହିଁ ମଧ୍ୟରେ, ଅଥବା

(୨) ଉକ୍ତ ସମୟ ଯଦି ଗତ ହୋଇଯାଇ ଥାଏ ତାହେଲେ ପ୍ରାଦେଶିକ ସରକାର ପରେ ଯେଉଁ ସମୟ ଧାର୍ଯ୍ୟ କରିବେ ସେ ସମୟ ମଧ୍ୟରେ

ରେଜିଷ୍ଟ୍ରେସନ ଅଫିସର ପୂର୍ବ ପ୍ରକାଶିତ ପ୍ରାଥମିକ ଭୋଟର ତାଲିକାକୁ, ତହିଁର କୌଣସି ଅଂଶକୁ କିମ୍ବା ତାଲିକାର ପରିଶିଷ୍ଟ ବା ସଂଶୋଧନମାନଙ୍କ ରଦ୍ଦ କରି ଉପରୋକ୍ତ ନିୟମାବଳୀରେ ନିର୍ଦ୍ଧାରିତ ରୀତି ଅନୁଯାୟୀ ଗୋଟିଏ ସଂଶୋଧିତ ପ୍ରାଥମିକ ଭୋଟର ତାଲିକା ପ୍ରସ୍ତୁତ କରିବେ ।

ଦାବି ଓ ଆପତ୍ତି

୮ । (କ) ଯେଉଁ ଲୋକର ଭୋଟର ହେବାର ଦାବି ଅଛି ଏବଂ ଯେ ଭୋଟର ତାଲିକାଭୁକ୍ତ ହୋଇ ନାହିଁ ଅଥବା ଭୁଲଯାଗାରେ ବା ଭୁଲ ଖଣ୍ଡରେ ବା ଭୁଲ୍ ବିବରଣ ସହିତ ଯାହାର ନାମ ପ୍ରାଥମିକ ଭୋଟର ତାଲିକାରେ ପ୍ରକାଶିତ ହୋଇଅଛି ସେ ଏବଂ ଯେଉଁ ଲୋକର ନାଁ ଭୋଟର ତାଲିକାରେ ଚଢ଼ିଅଛି ସେ ତା ନାମ ଚଢ଼ିବା ବିଷୟରେ ବା ଅନ୍ୟ କୌଣସି ବ୍ୟକ୍ତିର ନାମ ଭୋଟର ତାଲିକାରେ ଚଢ଼ିବା ବିଷୟରେ ଆପତ୍ତି କରୁଥିଲେ ସଂଶୋଧକ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି ବା ଆପତ୍ତି ଉତ୍ଥାପିତ କରି ପାରିବେ । ଉକ୍ତ ଦାବି ଓ ଆପତ୍ତି ତାହାଁର କାରଣ ସମେତ ପ୍ରାଦେଶିକ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ଦିନ ବା ତା ପୂର୍ବରୁ ରେଜିଷ୍ଟ୍ରେସନ ଅଫିସରଙ୍କ ନିକଟରେ ପହଞ୍ଚିବା ଦରକାର ।

(ଖ) ଦାବି ଓ ଆପତ୍ତି ନିଜେ ଯାଇଁ ଦାଖଲ୍ କରିବାକୁ ହେବ ଅଥବା ଡାକରେ ପଠାଇବାକୁ ହେବ ।

(ଗ) ପ୍ରାଦେଶିକ ସରକାରଙ୍କ ଧାର୍ଯ୍ୟ ତାରିଖ ପରେ ମିଳିଥିବା ଦାବି ଓ ଆପତ୍ତି ଗୃହୀତ ହେବ ନାହିଁ ।

୯ । ରେଜିଷ୍ଟ୍ରେସନ ଅଫିସର ଯେଉଁ ଲୋକମାନେ ମୃତ ହୋଇ ଗଲେଣି ବୋଲି ବିଶ୍ୱାସ କରିବେ ସେମାନଙ୍କ ନାଁ ନିଜ ଇଚ୍ଛାରେ ସେ ଭୋଟର ତାଲିକାରୁ ଉଠାଇଦେଇ ପାରିବେ । ଭୋଟର ତାଲିକାରେ ଲେଖାଗତ ବା ଆକସ୍ମିକ ଭୁଲତ୍ରୁଟି ଥିଲେ ତାହା ସେ ସଂଶୋଧନ କରିପାରିବେ । ଅନ୍ୟ କୌଣସି ପ୍ରକାର ସଂଶୋଧନ ସେ କରିପାରିବେ ନାହିଁ ।

୧୦ । (କ) ପ୍ରାଦେଶିକ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ତାରିଖକୁ ନ ଡେଇଁ ରେଜିଷ୍ଟ୍ରେସନ ଅଫିସର ୩ ନମ୍ବର ଫାରମରେ ସେ ଯଥାସମୟରେ ପାଇଥିବା ଦାବି ଓ ଆପତ୍ତିକୁ ଓ ନିଜ ଇଚ୍ଛାରେ କରିଥିବା ସଂଶୋଧନ ଆଦିକୁ ଲେଖି ନିଜ ଅଫିସରେ ଏବଂ ସମ୍ପୃକ୍ତ ତହସିଲଦାର ଓ ଡେପୁଟି ତହସିଲଦାରମାନଙ୍କ ଅଫିସରେ ମାରିଦେବେ, ଏବଂ

(ଖ) ଯେଉଁ ଲୋକ ଭୋଟର ହେବା ସମ୍ପର୍କରେ ଆପତ୍ତି ହୋଇଥିବ ତାକୁ ଆପତ୍ତିର ନକଲମାନ ଯୋଗାଇବେ ଏବଂ ଯେଉଁଠାରେ ସମ୍ଭବ ହେବ ସେଠାରେ ସେ ନିଜ ଇଚ୍ଛାରେ କରିଥିବା ସଂଶୋଧନମାନ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଜଣାଇବେ ।

(କ) ଦଫାରେ ଉଲ୍ଲିଖିତ ତାଲିକା ଏବଂ (ଖ) ଦଫାରେ ଉଲ୍ଲିଖିତ ସମ୍ବାଦ ସହିତ ରେଜିଷ୍ଟ୍ରେସନ ଅଫିସର ଜଣାଇଦେବେ ଯେ ଅମୁକ ସ୍ଥାନ ଓ ଅମୁକ ତାରିଖରେ ଦାବି ଓ ଆପତ୍ତି ଓ ସଂଶୋଧନମାନ ସଂଶୋଧକ କର୍ତ୍ତୃପକ୍ଷ ବିଚାର କରିବେ ।

ସଂଶୋଧକ କର୍ତ୍ତୃପକ୍ଷ

୧୧ । ପ୍ରତି ରେଜିଷ୍ଟ୍ରେସନ ଅଞ୍ଚଳର ଜିଲ୍ଲା କଲେକ୍ଟର ସଂଶୋଧକ କର୍ତ୍ତୃପକ୍ଷ ହେବେ । ସମସ୍ତ ଦାବି ଓ ଆପତ୍ତି ଫଏସଲ୍ ହେଲା ପର୍ଯ୍ୟନ୍ତ ଧାର୍ଯ୍ୟ ଦିନଠାରୁ ପ୍ରତିଦିନ ସଂଶୋଧକ କର୍ତ୍ତୃପକ୍ଷ ପ୍ରକାଶ୍ୟ ଅଫିସରେ ବସି ବିଚାର କରିବେ । ପ୍ରତି ଦାବି ଓ ଆପତ୍ତି ବିଷୟରେ ଯେପରି ଅନୁସନ୍ଧାନ ହେବା ଉଚିତ ସେ ମନେ କରିବେ ସେପରି ଅନୁସନ୍ଧାନ ସେ କରାଇ ପାରିବେ । କୌଣସି ଦାବି ନାମଞ୍ଜୁର ହେଲେ ବା କୌଣସି ଆପତ୍ତି ବିଷୟରେ ବାଦାନୁବାଦ ହେଲେ ସେ ସମ୍ବନ୍ଧରେ ସେ କାରଣ ସହିତ ଲିଖିତ ଅର୍ଡର ପାଶ୍ କରିବେ । ରେଜିଷ୍ଟ୍ରେସନ ଅଫିସରମାନେ ନିଜ ଇଚ୍ଛାରେ ଯେଉଁସବୁ ସଂଶୋଧନ କରିଥିବେ ସେ ସମ୍ବନ୍ଧରେ ସେ ଚୂଡ଼ାନ୍ତ ଅର୍ଡର ପାଶ୍ କରିବେ ।

ଭୋଟର ତାଲିକାର ପ୍ରକାଶ

୧୨ । ସଂଶୋଧକ କର୍ତ୍ତୃପକ୍ଷଙ୍କ ଆଦେଶ ଅନୁଯାୟୀ ରେଜିଷ୍ଟ୍ରେସନ ଅଫିସର ଭୋଟର ତାଲିକା ସଂଶୋଧନ କରିବେ ।

୧୩ । ପ୍ରତ୍ୟେକ ରେଜିଷ୍ଟ୍ରେସନ ଅଫିସର ତାଙ୍କ ରେଜିଷ୍ଟ୍ରେସନ ଅଞ୍ଚଳ ସଂକ୍ରାନ୍ତ ଚୂଡ଼ାନ୍ତ ଭୋଟର ତାଲିକାର ଯୋଡ଼ିଏ ନକଲରେ ଦସ୍ତଖତ କରିବେ । ଗୋଟିଏ ତାଙ୍କ ଅଫିସରେ ରହିବ ଏବଂ ଅନ୍ୟଟି ରିଟର୍ଣ୍ଣିଂ ଅଫିସରଙ୍କ ପାଖକୁ ପଠାଯିବ ।

୧୪ । ରିଟର୍ଣ୍ଣିଂ ଅଫିସର ବିଭିନ୍ନ ରେଜିଷ୍ଟ୍ରେସନ ଅଞ୍ଚଳର ଭୋଟର ତାଲିକାମାନଙ୍କୁ ଏକାଠି କରି ନିର୍ବାଚନମଣ୍ଡଳର ସମଗ୍ର ଭୋଟର ତାଲିକା ପ୍ରସ୍ତୁତ କରିବେ । ପ୍ରାଦେଶିକ ସରକାର ଧାର୍ଯ୍ୟ କରିଥିବା ତାରିଖକୁ ନ ଡେଇଁ ସେ ଉକ୍ତ ଭୋଟର ତାଲିକାକୁ "ଫୋର୍ଟ ସେଣ୍ଟ ଜର୍ଜ୍ଜ ଗେଜେଟର" ଅତିରିକ୍ତ ରୂପେ ପ୍ରକାଶ କରାଇବେ ।

୧୫ । ଚୂଡ଼ାନ୍ତ ଭୋଟର ତାଲିକାର ନକଲମାନ (ଅଥବା ପରିଶିଷ୍ଟ ଓ ସଂଶୋଧନ ସମ୍ବଳିତ ପ୍ରାଥମିକ ଭୋଟର ତାଲିକାର ନକଲମାନ) ରେଜିଷ୍ଟ୍ରେସନ ଅଫିସର ଓ ରିଟର୍ଣ୍ଣିଂ ଅଫିସରଙ୍କ ଅଫିସରେ ଦେଖିବାକୁ ମିଳିବ । ବିଭିନ୍ନ ରେଜିଷ୍ଟ୍ରେସନ ଅଞ୍ଚଳ ନିମନ୍ତେ ତିଆରି ହୋଇଥିବା ପୂର୍ଣ୍ଣାଙ୍ଗ ଚୂଡ଼ାନ୍ତ ଭୋଟର ତାଲିକା (ବା ପରିଶିଷ୍ଟ ଓ ସଂଶୋଧନ ସମ୍ବଳିତ ପ୍ରାଥମିକ ଭୋଟର ତାଲିକା) ଲୋକଙ୍କ ଦେଖିବା ନିମନ୍ତେ ଓ କିଣା ହେବା ନିମନ୍ତେ ରିଟର୍ଣ୍ଣିଂ ଅଫିସରଙ୍କ ଅଫିସରେ ରକ୍ଷିତ ହୋଇ ରହିବ ।

୧୬ । ଏ ନିୟମାବଳୀ ଅନୁଯାୟୀ ରେଜିଷ୍ଟ୍ରେସନ ଅଫିସର ଯଦି କୌଣସି ବ୍ୟକ୍ତି ପାଖକୁ ନୋଟିସ ଦେବାକୁ ଚାହାନ୍ତି ତାହେଲେ ଉକ୍ତ ବ୍ୟକ୍ତି ଯୋଗାଇଥିବା ଠିକଣାକୁ ଅଥବା ଭୋଟର ତାଲିକାରୁ ବାହାରିଥିବା ଠିକଣାକୁ ସେ ଉକ୍ତ ନୋଟିସ ପଠାଇବେ । ଯଦି ଏସବୁ ଠିକଣା ନ ମିଳେ ତାହେଲେ ଯେଉଁଠି ଉକ୍ତ ବ୍ୟକ୍ତି ଶେଷରେ ଥିବାର ଜଣାଥିବ ସେଠାକୁ ନୋଟିସ ପଠାଇବେ ।

୧୭ । ସଂଶୋଧକ କର୍ତ୍ତୃପକ୍ଷ କୌଣସି ଦାବି ବା ଆପତ୍ତିର ବା ଅନ୍ୟ କୌଣସି ବିଷୟର ବିଚାର କରୁଥିବାବେଳେ କୌଣସି ବ୍ୟକ୍ତି ଯଦି ଉକ୍ତ ବିଚାରରେ ସମ୍ପୃକ୍ତ ଥାଏ ତାହେଲେ ସେ ନିଜେ ଉପସ୍ଥିତ ହୋଇ ନିଜକଥା ଜଣାଇବ ବା ଯଥାବିଧି କ୍ଷମତାପନ୍ନ ଏଜେଣ୍ଟଦ୍ୱାରା ଜଣାଇବ ।

୧୮ । ଏ ନିୟମାବଳୀର ଏ ଦଫା ଅନୁସାରେ ପ୍ରାଦେଶିକ ସରକାର ଯେଉଁ ତାରିଖ ଧାର୍ଯ୍ୟ କରିଥିବେ ତାକୁ ଥରକୁଥର ସ୍ଥଗିତ କରିବାକୁ ତାଙ୍କର ଅଧିକାର ରହିବ ।

## ୧ ନମ୍ବର ଫାରମ

ଇଉରୋପୀୟନ୍ / ଜମିଦାର / ଭାରତୀୟ ବଣିକ ——— ନିର୍ବାଚନ ମଣ୍ଡଳ ନିମନ୍ତେ ଭୋଟର ତାଲିକା

ବାହାର——————ପୋଲିଂ ଅଞ୍ଚଳ ଭିତର ରେଜିଷ୍ଟ୍ରେସନ ଅଞ୍ଚଳ ନମ୍ବର

(୧) କ୍ରମିକ ନମ୍ବର

(୨) ନାଁ

(୩) ପିତା, କର୍ତ୍ତାବାନ ବା ସ୍ୱାମୀଙ୍କ ନା

(୪) ଠିକଣା

(୫) ଯୋଗ୍ୟତା

## ୨ ନମ୍ବର ଫାରମ

ନିର୍ବାଚନ ମଣ୍ଡଳ ନାଁ——

ଅମୁକ ରେଜିଷ୍ଟ୍ରେସନ ଅଞ୍ଚଳ ନିମନ୍ତେ ପ୍ରାଥମିକ ଭୋଟର ତାଲିକା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଏଥି ସହିତ ପ୍ରକାଶ କରାଗଲା ।

ଏ ତାଲିକାରେ ନାମଭୁକ୍ତ ହେବାକୁ ଯେଉଁ ବ୍ୟକ୍ତି ଦାବି କରୁଥିବେ ଏବଂ ଏ ତାଲିକାରେ ଯେଉଁ ବ୍ୟକ୍ତିଙ୍କ ନାମଭୁକ୍ତ ହୋଇ ନ ଥିବ ବା ଭୁଲ ସ୍ଥାନରେ ବା ଭୁଲ ଖଣ୍ଡରେ ବା ଭୁଲ ବିବରଣ ସହିତ ଭୁକ୍ତ ହୋଇଥିବ ସେ ତାଙ୍କ ନାମ ଭୁକ୍ତ ହେବାକୁ ବା ନାମ ତାଲିକା କାଗଜ ସଂଶୋଧିତ ହେବାକୁ ରେଜିଷ୍ଟ୍ରେସନ ଅଫିସରଙ୍କ ପାଖରେ ଦାବି ଉପସ୍ଥାପିତ କରି ପାରିବେ ।

ଯେଉଁ ବ୍ୟକ୍ତିଙ୍କ ନାମ ଏ ତାଲିକାଭୁକ୍ତ ହୋଇଥିବ ଏବଂ ଯେ ନିଜ ନାମର ଅଶୁଦ୍ଧତା ବିଷୟରେ ଆପତ୍ତି କରୁଥିବେ ଅଥବା ନିଜ ନାମ ଭୁକ୍ତ ହେବା ବିଷୟରେ ବା ଅନ୍ୟ କୌଣସି ବ୍ୟକ୍ତିଙ୍କ ନାମଭୁକ୍ତ ହେବା ବିଷୟରେ ଆପତ୍ତି କରୁଥିବେ ସେ ସଂଶୋଧକ କର୍ତ୍ତୃପକ୍ଷଙ୍କ ନିକଟରେ ଆପତ୍ତି ଦରଖାସ୍ତ ଦାଖଲ କରି ପାରିବେ । ଦାବି ଓ ଆପତ୍ତି ଦରଖାସ୍ତ ଦେଲେ ତହିଁରେ ଦାବି ଓ ଆପତ୍ତିର ପୂର୍ଣ୍ଣ ବିବରଣ ରହିବ ।

ଅଫିସ ହେଉଥିବା ବେଳେ ଯେ କୌଣସି ସମୟରେ ଦାବି ଓ ଆପତ୍ତି ଦରଖାସ୍ତ ରେଜିଷ୍ଟ୍ରେସନ ଅଫିସରଙ୍କ ନିକଟରେ ଦାଖଲ କରାଯାଇ-ପାରିବ ଅଥବା ଡାକରେ ତାଙ୍କ ନିକଟକୁ ପଠାଯାଇ ପାରିବ ।

ଯେଉଁ ସବୁ ଦାବି ଓ ଆପତ୍ତି ଧାର୍ଯ୍ୟ ତାରିଖରେ ପହଞ୍ଚି ନ ଥିବ ତାହା ଅଗ୍ରାହ୍ୟ କରାଯିବ ।

ଯେଉଁ ସବୁ ଦାବି ଓ ଆପତ୍ତି ଧାର୍ଯ୍ୟ ସମୟରେ ହସ୍ତଗତ ହୋଇଥିବ ସଂଶୋଧକ କର୍ତ୍ତୃପକ୍ଷ ଅମୁକ ସ୍ଥାନ ଓ ଅମୁକ ତାରିଖରେ ତାହା ଶୁଣାଣି କରିବେ ।

ତାରିଖ——

ରେଜିଷ୍ଟ୍ରେସନ ଅଫିସର

## ୩ ନମ୍ବର ଫାରମ

ଦାବି ଓ ଆପତ୍ତିର ତାଲିକା

(କ) ନିମ୍ନଲିଖିତ ବ୍ୟକ୍ତିମାନେ ଇଉରୋପୀୟାନ୍ / କମିଦାର / ଭାରତୀୟ ବଣିକ ନିର୍ବାଚନମଣ୍ଡଳର ଭୋଟର ତାଲିକାରେ ନିଜ ନାମ ଭୁକ୍ତ କରିବା ପାଇଁ (ବା ତାଲିକାରେ ନିଜ ନାମ ସଂଶୋଧନ କରିବା ପାଇଁ) ଦାବି ଦରଖାସ୍ତ ଦାଖଲ କରି ଅଛନ୍ତି :—

| ପୋଲିଙ୍ଗ ଅଞ୍ଚଳ | ଦାବିଦାରଙ୍କ ନାମ | ଠିକଣା | ଯୋଗ୍ୟତା |
|---|---|---|---|
| (୧) | (୨) | (୩) | (୪) |

(ଖ) ଇଉରୋପୀୟାନ୍ / କମିଦାର / ଭାରତୀୟ ବଣିକ ନିର୍ବାଚନମଣ୍ଡଳର ଭୋଟର ତାଲିକାରେ ଉଲ୍ଲିଖିତ ବିଷୟ ସମ୍ବନ୍ଧରେ ନିମ୍ନଲିଖିତ ଦାବିମାନ ହସ୍ତଗତ ହୋଇ ଅଛି :—

| ପୋଲିଙ୍ଗ ଅଞ୍ଚଳ | ଆପତ୍ତିକାରୀଙ୍କ ନାଁ ଓ ତାଲିକାରେ ତାଙ୍କ ନମ୍ବର | ଯାହାଙ୍କ ବିରୁଦ୍ଧରେ ଆପତ୍ତି ହୋଇଛି ତାଙ୍କର ନାଁ ଓ ଭୋଟର ତାଲିକାରେ ତାଙ୍କର ନମ୍ବର |
|---|---|---|
| (୧) | (୨) | (୩) |

(ଗ) ଇଉରୋପୀୟାନ୍ / କମିଦାର / ଭାରତୀୟ ବଣିକ ନିର୍ବାଚନମଣ୍ଡଳ ଭୋଟର ତାଲିକାରେ ରେଜିଷ୍ଟ୍ରେସନ ଅଫିସର ନିଜ ଇଚ୍ଛାରେ ନିମ୍ନଲିଖିତ ସଂଶୋଧନ-ମାନ କରି ଅଛନ୍ତି :—

| ପୋଲିଙ୍ଗ ଅଞ୍ଚଳ | ଭୋଟର ତାଲିକାରେ ନମ୍ବର | ସଂଶୋଧନର ଧରଣ |
|---|---|---|
| (୧) | (୨) | (୩) |

ଉପରଲିଖିତ ଦାବି ଓ ଆପତ୍ତି——ତାରିଖରେ——ସ୍ଥାନରେ ସଂଶୋଧକ କର୍ତ୍ତୃପକ୍ଷ ଶୁଣାଣି କରିବେ ଏବଂ ସଂଶୋଧନମାନଙ୍କର ବିଚାର କରିବେ ।

ତାରିଖ——

ରେଜିଷ୍ଟ୍ରେସନ ଅଫିସର

# ପରିଶିଷ୍ଟ ଗ

କେନ୍ଦ୍ର ବ୍ୟବସ୍ଥାପକ ସଭା

| କ୍ରମିକ ନମ୍ବର | ନିର୍ବାଚନ ମଣ୍ଡଳ | ରେଜିଷ୍ଟ୍ରେସନ ଅଫିସର |
|---|---|---|
| | ସାଧାରଣ ନିର୍ବାଚନ ମଣ୍ଡଳ | |
| | ଅମୁସଲମାନ — ସହର | |
| (୧) | ମାନ୍ଦ୍ରାଜ ସହର | ମାନ୍ଦ୍ରାଜ ସହର ପାଇଁ ମାନ୍ଦ୍ରାଜ କର୍ପୋରେସନର କମିଶନର, ପ୍ରତ୍ୟେକ ମଫସଲ ମ୍ୟୁନିସିପାଲିଟି ପାଇଁ ମ୍ୟୁନିସପାଲ କାଉନସିଲର ଏକଜିକ୍ୟୁଟିଭ କର୍ତ୍ତୃପକ୍ଷ ରେଭିନ୍ୟୁ ଡିଭିଜନ ନିମନ୍ତେ ରେଭିନ୍ୟୁ ଡିଭିଜନାଲ ଅଫିସର । |
| | ଅମୁସଲମାନ — ମଫସଲ | |
| (୨) | ଗଞ୍ଜାମ ଯୁକ୍ତ ବିଶାଖାପାଟଣା | |
| (୩) | ପୂର୍ବ ଗୋଦାବରୀ ଓ ପଶ୍ଚିମ ଗୋଦାବରୀ ଯୁକ୍ତ କୃଷ୍ଣା | |
| (୪) | ଗୁଣ୍ଟୁର ଯୁକ୍ତ ନେଲୋର | |
| (୫) | ମାନ୍ଦ୍ରାଜ ଖାସ୍ ଜିଲ୍ଲା ଓ ଚିତ୍ତୁର | |
| (୬) | ସାଲେମ ଓ କଇମ୍ବାଟୋର ଯୁକ୍ତ ଉତ୍ତର ଆରକଟ୍ | |
| (୭) | ଦକ୍ଷିଣ ଆରକଟ୍ ଯୁକ୍ତ ଚିଙ୍ଗଲପୁଟ୍ | |
| (୮) | ତାଞ୍ଜୋର ଯୁକ୍ତ ତ୍ରିଚିନାପଲ୍ଲୀ | |
| (୯) | ମଦୁରା ଓ ରାମନଦ୍ ଯୁକ୍ତ ତିନ୍ନେଭେଲି | |
| (୧୦) | ପଶ୍ଚିମ ଉପକୂଳ ଓ ନୀଳଗିରି | |
| | ମୁସଲମାନ | |
| (୧୧) | ଉତ୍ତର ମାନ୍ଦ୍ରାଜ, | |
| (୧୨) | ଦକ୍ଷିଣ ମାନ୍ଦ୍ରାଜ | |
| (୧୩) | ପଶ୍ଚିମ ଉପକୂଳ ଓ ନୀଳଗିରି | |
| | ଇଉରୋପୀୟାନ | |
| (୧୪) | ମାନ୍ଦ୍ରାଜ (ଇଉରୋପୀୟାନ) | ନିର୍ବାଚନ ମଣ୍ଡଳରେ ଅନ୍ତର୍ଭୁକ୍ତ ପ୍ରତ୍ୟେକ ଜିଲ୍ଲାର କଲେକ୍ଟର |
| | ସାଧାରଣ ନିର୍ବାଚନ ମଣ୍ଡଳ | |
| (୧୫) | ମାନ୍ଦ୍ରାଜ କମିଦାର | ନିର୍ବାଚନ ମଣ୍ଡଳର ଅନ୍ତର୍ଭୁକ୍ତ ପ୍ରତ୍ୟେକ ଜିଲ୍ଲାର କଲେକ୍ଟର |
| (୧୬) | ମାନ୍ଦ୍ରାଜ ଭାରତୀୟ ବଣିକ | |

# ପରିଶିଷ୍ଟ ଘ

ସମସ୍ତ ଇନ୍-କମ୍ ଟ୍ୟାକ୍ସ କମିଶନରମାନଙ୍କ ପାଖକୁ ସେଣ୍ଟ୍ରାଲ ବୋର୍ଡ଼ ଅଫ ରେଭିନ୍ୟୁଙ୍କ ୧୯୪୨ ମସିହାର ୨୨ ନମ୍ବର ସର୍କୁଲାର ।

(ଭୋଟର ତାଲିକା—୫୪ ଧାରା—ଇଣ୍ଡିଆନ୍ ଇନ-କମ୍ ଟାକ୍ସ ଆକ୍ଟ—୧୯୨୨ ଭୋଟରମାନଙ୍କ ଯୋଗ୍ୟତା ବିଷୟରେ ଅନୁସନ୍ଧାନ କରୁଥିବା ବ୍ୟକ୍ତି—ସମ୍ବାଦ ଯୋଗାଇବା)

(୧) ୧୯୩୫ ମସିହା ଗଭର୍ଣ୍ଣମେଣ୍ଟ ଅଫ୍ ଇଣ୍ଡିଆ ଆକ୍ଟ ଅନୁସାରେ ପ୍ରାଦେଶିକ ବ୍ୟବସ୍ଥାପକ ସଭାମାନଙ୍କ ନିମନ୍ତେ ଭୋଟର ତାଲିକା ପ୍ରସ୍ତୁତ କରିବା ସଂକ୍ରାନ୍ତରେ ବୋର୍ଡଙ୍କ ୧୯୩୬ ମସିହା ମେ ମାସ ୯ ତାରିଖର ୧ ନମ୍ବର ସର୍କୁଲାର ପ୍ରତି ମନୋଯୋଗ ଆକର୍ଷଣ କରାଯାଉଛି ।

(୨) ୫୪ (କ) ଧାରାର ୧ ଉପଧାରାର ବ୍ୟବସ୍ଥା ଅନୁଯାୟୀ ୧୯୨୨ ମସିହା ଇନ୍-କମ୍ ଟାକ୍ସ ଆକ୍ଟର ଗୋପନ ବ୍ୟବସ୍ଥା ଭଙ୍ଗ ନ କରି ଭୋଟରମାନଙ୍କ ଯୋଗ୍ୟତା ସମ୍ବନ୍ଧରେ ଆଇନଦ୍ୱାରା କ୍ଷମତାପନ୍ନ ବ୍ୟକ୍ତିଙ୍କୁ ଖବର ଦିଆଯାଇ ପାରୁଥିବା ସ୍ଥଳେ ଉପରୋକ୍ତ ସର୍କୁଲାର ୨ ଅନୁଚ୍ଛେଦର କୌଣସି ଆବଶ୍ୟକତା ନାହିଁ ଏବଂ ତାହା ରଦ୍ଦ କରାଗଲା । ଏ ସଂକ୍ରାନ୍ତରେ ମନେ ରଖିବାର କଥା ଯେ ୫୪ (କ) (୧) ଦଫାର ବ୍ୟବସ୍ଥା ବ୍ୟବସ୍ଥାପକ ସଭା କର୍ତ୍ତୃପକ୍ଷଙ୍କ ଛଡ଼ା ଅନ୍ୟ ଯେ କୌଣସି ଆଇନ ସଙ୍ଗତ କର୍ତ୍ତୃପକ୍ଷଙ୍କ ପ୍ରତି ମଧ୍ୟ ପ୍ରଯୁଜ୍ୟ ହେବ ।

(୩) ସର୍କୁଲାରର ୯ ଓ ୧୦ ଅନୁଚ୍ଛେଦ ସଂକ୍ରାନ୍ତରେ ମୁଁ କହିବାକୁ ଚାହେଁ ଯେ ଭବିଷ୍ୟତରୁ ହେଉଥିବା ଆୟ ଉପରେ ବର୍ତ୍ତମାନ ଇନ-କମ ଟାକ୍ସ ଧାର୍ଯ୍ୟ କରାଯାଇ ଅଛି । ଏହା ବର୍ତ୍ତମାନ ଟିକସରୁ ମୁକ୍ତ ନୁହେଁ ତେଣୁ, ଏହା ଇନ-କମ୍ ଟାକ୍ସ ଦିଆ ହେଉଥିବା ସମ୍ପତ୍ତି ମଧ୍ୟରେ ଗଣ୍ୟ ହେବ ।

---

*The 3rd July 1945*

**No. 1840-C.**—The following notifications of the Government of India are republished for general information.

By order of the Governor
R. A. E. WILLIAMS
*Chief Secretary to Government*

*Simla, 30th May 1945*

No. 49/6/45-Poll. (I)—In exercise of the powers conferred by clause (*b*) of sub-rule (1) of rule 41 of the Defence of India Rules, the Central Government is pleased to cancel the notification of the Government of India in the Home Department No. 41/13/43-Poll.(I), dated the 17th January 1944.

R. TOTTENHAM
*Secretary to the Govt. of India*

DEFENCE DEPARTMENT

*New Delhi, 2nd June 1945*

No. 5-DC(11)/45—In exercise of the powers conferred by section 2 of the Defence of India Act, 1939 (XXXV of 1939), the Central Government is pleased to direct that the following further amendment shall be made to the Defence of India Rules, namely :—

After sub-rule (2) of rule 51M of the said Rules, the following shall be inserted, namely :—

" (3) The Central Government may, with a view to ensuring the safety of any major port and of persons and property therein, by notified order provide for the precautionary measures to be taken by the port authority, its officers and servants, the municipal fire brigade and all persons using the port, and for the co-ordination of fire-fighting operations in the event of fire ; and it shall be the duty of all persons concerned, including public servants and members of His Majesty's forces, to act in conformity with the order. "

S. R. KAIWAR
*Dy. Secy. to the Govt. of India*

*New Delhi, 26th May 1945*

No. 5-DC(17)/45—In exercise of the powers conferred by section 2 of the Defence of India Act, 1939 (XXXV of 1939), the Central Government is pleased to direct that the following further amendment shall be made in the Defence of India Rules, namely :—

After rule 45B of the said Rules, the following rule shall be inserted, namely :—

" 45C. Control of publication of information relating to wrecks—(1) If a receiver of wreck is of opinion that the publication of a notification under section 267 of the Indian Merchant Shipping Act, 1923, in respect of any wreck taken possession of by him may in any way assist the enemy or prejudice the efficient prosecution of the war, he shall refer the matter to the Central Government and shall not publish the notification required by that section unless directed to do so by the Central Government.

(2) On receiving a report under sub-rule (1), the Central Government may either direct the receiver of wreck to proceed in accordance with the provisions of sections 276, 277 and 278 of the Indian Merchant Shipping Act, 1923, or issue such other directions regarding the disposal of the wreck as the Central Government may in the circumstances deem proper. "

RAM CHANDRA
*Secy. to the Govt of India*

*New Delhi, 6th June 1945*

No. 5-DC(16)/45—In exercise of the powers conferred by section 2 of the Defence of India Act, 1939 (XXXV of 1939), the Central Government is pleased to direct that the following further amendment shall be made in the Defence of India Rules, namely :—

In clause (*a*) of sub-rule (1), in sub-rule (2) and in clause (*a*) of sub-rule (3) of rule 51C of the said Rules for the words " in the event of hostile attack ", the words " in the event of an outbreak of fire whether caused by accident or otherwise " shall be substituted.

S. R. KAIWAR
*Dy. Secy. to the Govt. of India*

*The 3rd July 1945*

**No. 3063-P.**—The following notification issued by the Government of India, Legislative Department, is republished for general information.

By order of the Governor
R. A. E. WILLIAMS
*Chief Secretary to Government*

*Simla, the 20th June 1945*

No. F. 235/45-C. & G. (Judl.)—In exercise of the powers conferred by sub-section (1) of section 549 of the Code of Criminal Procedure, 1898 (Act V of 1898), the Central Government is pleased to direct that the following further amendment shall be made in the rules published with the notification of the Government of India in the Home Department, No. F. 102/35 Judicial, dated the 12th March 1935, namely :—

In rule 6 of the said rules, for the words " the Air Officer Commanding-in-chief, Air Forces in India, or the Air Officer Commanding, Bengal, or any Air Force Group Commander " the following words shall be substituted namely :—

" the Air Officer Commanding, India Command, or any Group Commander, Air Command South East Asia of India Command."

K. Y. BHANDARKAR
*Addl. Dy. Secy. to the Govt. of India*

## FINANCE DEPARTMENT

NOTIFICATION

*The 2nd July 1945*

**No. 670-F.S.**—The following notifications, issued by the Government of India, Finance Department (Communication), are hereby republished for general information.

By order of the Governor
J. E. MAHER
*Additional Secretary to Government*

*New Delhi, 28th April 1945*

No. D. 4480-PT/45—In exercise of the powers conferred by section 6 of the Post Office National Savings Certificates Ordinance, 1944 (No. XLII of 1944), the Central Government is pleased to direct that the following further amendment shall be made in the Post Office National Savings Certificates Rules, 1944, namely:—

After item (*iv*) of rule B(5) of the said Rules, the following item shall be inserted, namely:—

"(*v*) Notwithstanding anything in item (*iii*) of this sub-rule a person who has purchased certificates on behalf of a minor prior to the issue of these Rules, shall be permitted to nominate the person to be entitled to encash,, in

accordance with the said item (*iii*). The certificates in question should be produced at the Post Office from which they were bought, and the Postmaster shall permit the holder to add the necessary words 'through father/mother/either parent, etc.' as desired, in the original form of application for purchase, and a similar entry will be made by the Postmaster on the National Savings Certificate."

M. K. SEN GUPTA
*Financial Adviser to Govt. of India*

*New Delhi, 15th May 1945*

No. D. 4822-PT/45.—In exercise of the powers conferred by section 6 of the Post Office National Savings Certificates Ordinance, 1944 (No. XLII of 1944), the Central Government is pleased to direct that the following amendment shall be made in the Post Office National Savings Certificates Rules, 1944, published with the notification of the Government of India in the Finance Department (Communications), No. D. 8024-PT/44, dated the 9th December 1944, namely:—

For sub-rule (2) of rule M of the said Rules, the following sub-rule shall be substituted, namely:—

"(2) Certificates can be transferred for the purpose of being treated as security, to a Gazetted Government Officer, or to any officer of the Government of an Indian State, the Posts of which have been amalgamated with the Imperial Post, and such officer of other Indian States as is mentioned in the list referred to in clause (XIII) of sub-rule (2) of Rule A *in his official capacity*.

NOTE—"Official capacity" means that the Certificates must be transferred to the official described by his official designation, such as—District Magistrate of (place) or "Dewan of (State)" etc., as the case may be. The Certificates must *not* be transferred to the *personal name* of the official who will hold them as security."

A. QADIR
*Dy. Financial Adviser to Govt. of India*

## DEPARTMENT OF SUPPLY AND TRANSPORT

NOTIFICATIONS

*The 30th June 1945*

**No. 534-T.**—The following notification issued by Government of India, in the War Transport Department is republished for general information.

By order of the Governor
C. S. JHA
*Secretary to Government*

*New Delhi, 19th May 1945*

No. 16-LV(4)/45—In exercise of the powers conferred by sub-rule (2) of rule 81 of the Defence of India Rules, the Central Government is pleased to direct that the following amendment shall be made in the Disposal of Used Government Motor Vehicles Control Order, 1944 namely :—

For clause 4 of the said Order, the following clause shall be substituted, namely :—

"4. No person shall sell or otherwise dispose of, and no person shall purchase or otherwise obtain, a used Government motor vehicle at a price exceeding the scheduled sale price thereof as specified in or determined under

(*a*) the Schedule to this Order, in the case of a transport vehicle, and

(*b*) the Schedule to the Used Motor Vehicles Control Order, 1944, as in force on the date of purchase of the vehicles by the reconditioner from the Directorate-General of Disposals, in the case of a motor car,

as the sale price for that vehicle or for, vehicles of the same class and year of manufacture ".

R. B. ELWIN
*Jt. Secy. to the Govt. of India*

*The 3rd July 1945*

**No. 552-T.**—The following notification, issued by the Government of India, in the Department of War Transport is republished for general information.

By order of the Governor
B. MUKERJI
*Deputy Secretary to Government*

*New Delhi, 2nd June 1945*

No. 20-PR(9)/44—In exercise of the powers conferred by rule 81 of the Defence of India Rules, the Central Government is pleased to direct that the following further amendment shall be made in the Motor Spirit Rationing Order 1941, namely :—

In the First Schedule appended to the said Order, for Form "F" the following Form shall be substituted, namely :—

"FORM F

Licence (vide clause 6)

Motor Spirit Rationing Order, 1941

Licence Number

(in respect of motor spirit to be used otherwise than in motor vehicles and motor boats).

(Name and address of licensee) Mr./Messrs.

is/are hereby licensed to acquire motor spirit to the extent of (in words and figures) upto 194 , subject to the following conditions :—

(*a*) The maximum quantity to be acquired in any one calendar month shall not exceed gallons (in words and figures)

(*b*) The motor spirit acquired under the licence shall be used for no purpose other than

(*c*) Motor spirit shall be acquired from a supplier or dealer.

(*d*) When any motor spirit is acquired under this licence, this licence must be produced before the supplier or dealer and the supplier or dealer shall enter upon its reverse the quantity acquired in words and figures, the date of supply and number of the Receipt in Form B and shall append his signature and address.

(*e*) The licensee shall give the supplier or dealer a receipt in the prescribed form B from Book No...........which is issued to licensee with this licence, for all motor spirit acquired on each occasion.

(*f*) The licensee is not transferable and both the licence and the book of receipt forms shall remain in the custody of the licensee.

(*g*) On expiry of the licence both this licence form and the cover of receipt book together with unused receipt forms shall be returned to the office of issue along with, if necessary, an application in form 'M' for renewal.

(*h*) The validity of the licence expires on............ 194 .

Date—

(FORM F—REVERSE)

Supply of Motor Spirit

| Quantity of Motor Spirit supplied | Date of supply | Receipt Number | Signature and address of supplier or dealer | Quantity of Motor Spirit supplied | Date of supply | Receipt Number | Signature and address of supplier or dealer |
|---|---|---|---|---|---|---|---|

D. R. RUTNAM
*Joint Secy. to the Govt. of India*

CUTTACK : Printed and Published by S. H. Khan, Superintendent, Govt. Press, O. G. 14—421—6-7-1945